52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 44/ Issue : 107 | Brahmapur | Sunday 31 May 2026 | ବର୍ଷ: ୪୫/ ଅଙ୍କ: ୧୦୭ | ରବିବାର ୩୧ ମଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

### ଜୁନ୍‌ରେ ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ

# ୧୨ରୁ ଊର୍ଦ୍ଧ୍ୱ ମନ୍ତ୍ରୀ ହେବେ ବିଦା

ନୂଆଦିଲ୍ଲୀ, ୩୦।୫: ଆସନ୍ତା ମାସରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି। ଜୁନ୍ ୧୫ ରୁ ୧୮ ମଧ୍ୟରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସମ୍ପ୍ରସାରଣ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ୨୦୨୭ରେ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହାପୂର୍ବରୁ ରାଜନୈତିକ ଓ ସାଂଗଠନିକ ପୁନର୍ଗଠନ ପାଇଁ ବିଜେପି ନେତୃତ୍ୱ ପ୍ରସ୍ତୁତ ହେଉଥିବାରୁ ଅନେକ ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ୧୨ରୁ ଅଧିକ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇପାରେ କିମ୍ବା ବିଭାଗ ଅଦଳବଦଳ କରାଯାଇପାରେ ବୋଲି ସୂଚନା ମିଳିଛି। ଦଳୀୟ ସୂତ୍ର ଅନୁଯାୟୀ, ଅତି କମ୍‌ରେ ଦୁଇଜଣ କ୍ୟାବିନେଟ ମନ୍ତ୍ରୀ ଓ ତିନି ଜଣ ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ଆଗାମୀ କିଛି ଦିନ ମଧ୍ୟରେ ଜଣେ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କୁ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଦକ୍ଷିଣ ଭାରତୀୟ ରାଜ୍ୟରେ ବିଜେପିର ଦାୟିତ୍ୱ ଦିଆଯିବାର ସମ୍ଭାବନା ରହିଛି। ଏହି ଅଦଳବଦଳରେ ୧୦-୧୨ଟି ମନ୍ତ୍ରଣାଳୟର ନେତୃତ୍ୱ ପରିବର୍ତ୍ତନ ହେବାର ମଧ୍ୟ ସମ୍ଭାବନା ରହିଛି, ଅନେକ ମନ୍ତ୍ରୀଙ୍କୁ ବିଭିନ୍ନ ବିଭାଗରେ ପୁନଃନିଯୁକ୍ତି ଦିଆଯିବ। ଅନ୍ୟପକ୍ଷରେ ଏନ୍‌ଡିଏରେ ବିଜେପିର ସହଯୋଗୀ ଦଳ ଜେଡି(ୟୁ), ଟିଡିପି, ଏନ୍‌ସିପି ଓ ଆର୍‌ଏଲ୍‌ଏମ୍ କ୍ୟାବିନେଟ୍ ସମ୍ପ୍ରସାରଣରେ ଲାଭାନ୍ୱିତ ହେବାକୁ ଯାଉଛନ୍ତି। ସହଯୋଗୀ ଦଳମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦବୀ ମିଳିବାକୁ ଯାଉଥିବାବେଳେ ଜଣେ କିମ୍ବା ଦୁଇଜଣଙ୍କୁ କ୍ୟାବିନେଟ ମନ୍ତ୍ରିପଦ ମିଳିପାରେ। ବରିଷ୍ଠ ବିଜେପି ନେତାମାନେ କହିଛନ୍ତି ଯେ, ଆଞ୍ଚଳିକ ଓ ସାମାଜିକ ପ୍ରତିନିଧିତ୍ୱକୁ ଧ୍ୟାନରେ ରଖି ଏହି ପୁନର୍ଗଠନର ଯୋଜନା କରାଯାଉଛି, ବିଶେଷକରି ଉତ୍ତର ପ୍ରଦେଶ ଓ ପଞ୍ଜାବ ଭଳି ରାଜ୍ୟରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଉଛି।

ଅନ୍ୟପକ୍ଷରେ ବିଜେପି କେତେକ ରାଜ୍ୟରେ ଦଳର ନୂଆ ସଭାପତି ନିଯୁକ୍ତି ଦେଇ ସାଂଗଠନିକ ପରିବର୍ତ୍ତନ ଆରମ୍ଭ କରିସାରିଛି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଉତ୍ତର ପ୍ରଦେଶ ପାଇଁ ବିଜେପି ମୁଖ୍ୟ ନିଯୁକ୍ତ କରାଯାଇଥିବାବେଳେ କର୍ପୋରେଟ୍ ବ୍ୟାପାର ଓ ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମଲହୋତ୍ରାଙ୍କୁ ଦିଲ୍ଲୀ ବିଜେପି ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେମାନଙ୍କ ସ୍ଥାନରେ ସଂସଦର ଦୁଇ ଗୃହରୁ ନୂଆ ମୁହଁଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ। କର୍ଣ୍ଣାଟକ ବିଜେପି ମୁଖ୍ୟ ଭାବରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେବାର ସମ୍ଭାବନା ମଧ୍ୟ ରହିଛି ଓ ମଣିପୁର ବିଜେପି ପାଇଁ ନୂତନ ସଭାପତି ଘୋଷଣା କରିବାକୁ ପ୍ରସ୍ତୁତ ହେଉଛି। ସୂତ୍ର ଅନୁସାରେ ବିଜେପି ରାଜ୍ୟସଭା ମାଧ୍ୟମରେ କେନ୍ଦ୍ର କ୍ୟାବିନେଟରେ ମଣିପୁର ପାଇଁ ପ୍ରତିନିଧିତ୍ୱକୁ ସହଜ କରିପାରେ। ଚଳିତ ବର୍ଷ ଶେଷ କିମ୍ବା ୨୦୨୭ ପ୍ରାରମ୍ଭରେ ରାଜ୍ୟସଭାର କାର୍ଯ୍ୟକାଳ ଶେଷ ହେଉଥିବା ଅନେକ ମନ୍ତ୍ରୀଙ୍କୁ ସଂଗଠନାତ୍ମକ ଭୂମିକାକୁ ସ୍ଥାନାନ୍ତରିତ କରାଯାଇପାରେ। ସୂତ୍ର ଅନୁସାରେ ସଂଗଠନ ଅଭିଜ୍ଞତା ଓ ବରିଷ୍ଠତା ଆଧାରରେ କେତେକ ବିଜେପି ମୋର୍ଚ୍ଚା ନେତାଙ୍କୁ ପ୍ରଥମ ଥର ପାଇଁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ବିହାରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ସ୍ଥାନରେ ସମାନ ଜାତି ଗୋଷ୍ଠୀର ଅନ୍ୟ ଜଣେ ସାଂସଦଙ୍କୁ ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

ରେଳ, ଅର୍ଥ, କର୍ପୋରେଟ୍ ବ୍ୟାପାର, କୋଇଲା, ବୟନଶିଳ୍ପ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଗ୍ରାମୀଣ ବିକାଶ, ରସାୟନ ଓ ସାର, ସହଯୋଗ, ମତ୍ସ୍ୟପାଳନ, ଜଳ ଶକ୍ତି, କୃଷି, ପରିବେଶ, ଆଇନ ମନ୍ତ୍ରଣାଳୟରେ ଅଦଳବଦଳ ହେବାର ସମ୍ଭାବନା ରହିଛି। କିଛି ମନ୍ତ୍ରଣାଳୟ ଅତିରିକ୍ତ ଦାୟିତ୍ୱ ନେବା ପରିବର୍ତ୍ତେ କ୍ୟାବିନେଟରେ ପୃଥକ ଭାବେ ମନ୍ତ୍ରୀ ପଦ ପାଇପାରନ୍ତି। ବିହାରର ସହଯୋଗୀ ଦଳଗୁଡ଼ିକୁ ମନ୍ତ୍ରିପଦ ଦେବା ନେଇ ମଧ୍ୟ ଦଳ ମଧ୍ୟରେ ଆଲୋଚନା ଚାଲିଛି। ଦଳୀୟ ସୂତ୍ରରୁ ଜଣାପଡିଛି ଯେ, ମାନବ ସମ୍ବଳ ବିକାଶ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ମନ୍ତ୍ରୀ ସ୍ତରରେ ରାଜ୍ୟରୁ ସହଯୋଗୀ ଦଳକୁ ପଦବୀ ଦିଆଯାଇପାରେ।

## ଧର୍ମେନ୍ଦ୍ରଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା

ଏହି ମନ୍ତ୍ରିମଣ୍ଡଳ ଅଦଳବଦଳରେ ସବୁଠାରୁ ଅଧିକ ନଜର ରହିଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ । କାରଣ ନିକଟରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପରେ ସାରା ଦେଶରେ ଅଶାନ୍ତିର ବାତାବରଣ ଲାଗି ରହିଥିବା ବେଳେ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ଏହାବାଦ ଆଜି ସିୟୁଇଟିର ପରୀକ୍ଷାରେ ବିଭ୍ରାଟ ମଧ୍ୟ ଏହାକୁ ଅଧିକ ଗୁରୁତର କରିଦେଇଛି । ତେବେ ପ୍ରଧାନମନ୍ତ୍ରୀଙ୍କ ଗୁଡ୍‌ବୁକ୍‌ରେ ସବୁବେଳେ ରହିଆସୁଥିବା ଓଡ଼ିଆ ପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ପ୍ରଶ୍ନପତ୍ର ପ୍ରଘଟ ଘଟଣା ପରେ ତାଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି, ହୁଏତ ଆଗାମୀ ମନ୍ତ୍ରୀମଣ୍ଡଳରେ ତାଙ୍କୁ ଆଉ ବଡ଼ ବିଭାଗର ଦାୟିତ୍ୱ ନମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି ।

### ଚେତାବନୀ ଦେଲା ବସ୍ ମାଲିକ ସଂଘ

# ଭଡ଼ା ବଢ଼ାଅ, ନହେଲେ ବସ୍ ଚଳାଚଳ ବନ୍ଦ

▶ ସରକାରଙ୍କୁ ୧୦ ଦିନିଆ ମହଲତ୍

କଟକ ୩୦।୫: ବସ୍ ଭଡା ନବଢିଲେ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ଚେତାବନୀ । ଡିଜେଲ ସହ ବସ୍ ବ୍ୟବସାୟରେ ଆନୁସଙ୍ଗୀକ ଜିନିଷର ମୂଲ୍ୟ ବୃଦ୍ଧି ଘଟିଛି । ଏହାସହ ବୀମା ଓ ଟିକସ ମଧ୍ୟ ବଢିଛି । ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡା ବୃଦ୍ଧି ନହେଲେ ଯାତ୍ରୀ ପରିବହନ ବ୍ୟବସାୟ କରିବା ଅସମ୍ଭବ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । କଟକରେ ଆୟୋଜିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଏହିଭଳି ନିଷ୍ପତ୍ତି ନିଆଯାଇଛି । ଅଟୋମେଟିକ୍ ମେକାନିଜିମ୍ ମାଧ୍ୟମରେ ଡିଜେଲ ଦର ବଢିଲେ ବା କମିଲେ ବସ୍ ଭଡା ସଂଶୋଧନ ହେଉଥିଲା । କିନ୍ତୁ ଏବେ ନିୟମିତ ବ୍ୟବଧାନରେ ଡିଜେଲ ଦର ବଢିଚାଲିଥିବା ବେଳେ ସେହି ଅନୁପାତରେ ବସ୍ ଭଡା ବୃଦ୍ଧି କରାଯାଇନଥିବା ବସ୍ ମାଲିକ ସଂଘ କହିଛି । ଏହାସହ ବସ୍ ଚେସିସ୍, ଟାୟାର, ଲୁବ୍ରିକାଣ୍ଟ ଦର ସହ ବୀମା ଓ ଟିକସ୍ ମଧ୍ୟ ଗତ ୧୦ ବର୍ଷ ଭିତରେ ବହୁ ମାତ୍ରାରେ ବଢିଛି । ମାତ୍ର ଗତ ୧୦ ବର୍ଷ ହେବ ଅଟୋମେଟିକ ମେକାନିଜିମରେ ସେ ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇ ନାହିଁ । ତେଣୁ ଡିଜେଲ ଦର ବୃଦ୍ଧି ସହ ଯାତ୍ରୀ ପରିବହନରେ ଆନୁସଙ୍ଗୀକ ଜିନିଷର ଦର ବୃଦ୍ଧିକୁ ନେଇ ବସ୍ ଭଡା ବଢାଇବା ପାଇଁ ବସ୍ ମାଲିକ ସଂଘ ଦାବି କରିଛି । ଏ ନେଇ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଯଦି ସରକାର ୧୦ ଦିନ ଭିତରେ କୌଣସି ନିଷ୍ପତ୍ତି ନନିଅନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ସେବା ବନ୍ଦ କରିବା ପାଇଁ ସଙ୍ଘ ବାଧ୍ୟ ହେବ ବୋଲି କହିଛି ।



ଯଦି ସରକାର ବସ୍ ମାଲିକ ସଂଘ ଦାବି ସମ୍ପର୍କରେ କୌଣସି ନିଷ୍ପତ୍ତି ନନିଅନ୍ତି ତେବେ ଜୁନ୍ ୧୭ ତାରିଖରୁ ରାଜ୍ୟରେ ଘରୋଇ ବସ୍ ସେବା ବନ୍ଦ ହେବାର ଆଶଙ୍କା ରହିଛି । ସେପଟେ ରାଜ୍ୟ ସରକାର କେବଳ ଯଦି ଡିଜେଲ ଉପରୁ ଭାଟ୍ ବା ଭ୍ୟାଲୁ ଆଡେଡ୍ ଟିକସ ଛାଡ କରିଦିଅନ୍ତି, ତେବେ ବସ୍ ଧର୍ମଘଟ ହେବ ନାହିଁ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । ଏବେ ରାଜ୍ୟ ସରକାର ଡିଜେଲ ଉପରେ ୧୨ରୁ ୧୮ପ୍ରତିଶତ ଭାଟ୍ ନେଉଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏବେ ସାଧାରଣ ଘରୋଇ ବସ୍‌ରେ ସର୍ବନିମ୍ନ କିଲୋମିଟର ପିଛା ଭଡା ୯୦ପଇସା ଥିବା ବେଳେ, କିଲୋମିଟର ପିଛା ସର୍ବାଧିକ ଭଡା ୨ଟଙ୍କା ୪୭ପଇସା ରହିଛି ।

### ▶ ରାଜଧାନୀରେ ଥାର୍ ଦୁର୍ଘଟଣାର ନୂଆ ମୋଡ଼

# ତ୍ରିକୋଣୀୟ ପ୍ରେମରୁ ହତ୍ୟା, ପାଞ୍ଚ ଗିରଫ

ଭୁବନେଶ୍ୱର,୩୦।୫: ରାଜଧାନୀ ଛାତି ଉପରେ ଘଟିଥିବା ଭୟଙ୍କର ଥାର୍ ଦୁର୍ଘଟଣା ଏବେ ଭିନ୍ନ ମୋଡ଼ ନେଇଛି । ଏହି ଦୁର୍ଘଟଣାର ଭୟଙ୍କର କାରଣ ପଦାକୁ ଆସିଛି । ଇଞ୍ଜିନିୟରିଂ ଛାତ୍ର ବରେନ୍ ରାଉତରାୟଙ୍କର ମୃତ୍ୟୁ ଏହା ଦୁର୍ଘଟଣା ନୁହେଁ ବରଂ ଏକ ସୁଚିନ୍ତିତ ହତ୍ୟା ଘଟଣା ବୋଲି ପରିବାର ଅଭିଯୋଗ କରିଛି । ଏହା ପରେ ଚନ୍ଦ୍ରଶେଖରପୁର ପୋଲିସ ୫ ଜଣଙ୍କୁ ଅଟକ ରଖିଥିବା ବୋଲି ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ଚନ୍ଦ୍ରଶେଖପୁର ଥାନା ଅଧିନସ୍ଥ ଆଚାର୍ଯ୍ୟ ହରିହର କଲେଜ ନିକଟରେ ଏକ ବାଇକକୁ ଥାର୍ ଗାଡ଼ି ଧକ୍କା ଦେଇଥିଲା । ଫଳରେ ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳର ବାଇକ୍ ଆରୋହୀ ବରେନ୍ ରାଉତରାୟ ଏବଂ ତାଙ୍କର ଦୁଇ ଜଣ ବନ୍ଧୁ ଗୁରୁତର ଆହତ ହୋଇଥିଲେ । ପିସିଆର୍ ଭ୍ୟାନ୍ ଦୁଇ ଜଣଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲା । ଏହା ସହିତ ଚନ୍ଦ୍ରଶେଖରପୁର ପୋଲିସକୁ ଖବର ଦେଇଥିଲା । ମାତ୍ର ଡାକ୍ତର ବରେନ ରାଉତରାୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପ୍ରାଥମିକ ସ୍ତରରେ ଏହା ଦୁର୍ଘଟଣା ବୋଲି ସମସ୍ତେ ଭାବିଥିଲେ । ମାତ୍ର ପରିବାର ଲୋକଙ୍କ ଅଭିଯୋଗ ପରେ ଦୁର୍ଘଟଣା ନୂଆମୋଡ଼ ନେଇଥିଲା । ଏହା ଦୁର୍ଘଟଣା ନୁହେଁ ବରଂ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ । ଡିସିପିଙ୍କ ସୂଚନା ଅନୁସାରେ, ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ ଘଟିଛି । ପ୍ରଥମେ ଏକ ଜୁସ୍ ଦୋକାନ ସମ୍ମୁଖରେ ବରେନ ରାଉତରାୟ ଏବଂ ଅନ୍ୟ ଏକ ଗୋଷ୍ଠୀ ସହିତ ଝଗଡ଼ା ହୋଇଥିଲା । ପୂର୍ବରୁ ସେମାନେ କ୍ରିକେଟ୍ ଷ୍ଟାମ୍ପ୍ ନେଇକି ଯାଇଥିଲେ । କିନ୍ତୁ ଜନଗହଳି ପୂର୍ଣ୍ଣ ଥିବାରୁ ବରେନଙ୍କ ଉପରେ ଆକ୍ରମଣ ନ କରି ସେମାନେ ଚାଲିଯାଇଥିଲେ । ଏହା ପରେ ରାତି ଅଧରେ ବରେନଙ୍କୁ ପିଛା କରିଥିଲେ । ଏହା ପରେ ବରେନ ବାଇକରେ ହାଉସିଂବୋର୍ଡ ଅଞ୍ଚଳକୁ ନିଜ ଘରକୁ ଆସୁଥିବାବେଳେ ଏକ ଥାର୍ ଗାଡ଼ି ଏବଂ ସ୍କୁଟିରେ ଅଭିଯୁକ୍ତମାନେ ତାଙ୍କ ପିଛା କରିଥିଲେ । ଆଚାର୍ଯ୍ୟ ହରିହର କଲେଜ ନିକଟର ମୌକା ଦେଖି ପିଟି ଦେଇଥିଲେ । ଫଳରେ ବରେନଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ସମସ୍ତ ୫ ଅଭିଯୁକ୍ତଙ୍କୁ ଅଟକ ରଖିଛି । ହତ୍ୟାରେ ବ୍ୟବହୃତ ଥାର୍ ଗାଡ଼ି ଏବଂ ସ୍କୁଟିକୁ ପୋଲିସ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ରିପୋର୍ଟ ମୁତାବକ, ବରେନଙ୍କର ଏବଂ ଆକ୍ରମଣକାରୀ ଯୁବକଙ୍କ ମଧ୍ୟରେ ବନ୍ଧୁତା ଥିଲା । ଆକ୍ରମଣକାରୀ ଯୁବକଙ୍କ ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଥିଲା । ଏହା ପରେ ବରେନଙ୍କ ସହିତ ଉକ୍ତ ଯୁବତୀଙ୍କ ମଧ୍ୟରେ ପ୍ରେମ ହୋଇଥିଲା । ଯାହାକୁ ଆକ୍ରମଣକାରୀ ଯୁବକ ସହି ପାରିନଥିଲେ । ଫଳରେ ବରେନଙ୍କ ସହିତ ତାଙ୍କର ତିକ୍ତତା ବଢ଼ିଥିବା କୁହାଯାଉଛି ।

# ଆୟୁଷ୍ମାନ କାର୍ଡରେ ହେବ ସମସ୍ତ ମେଡିକାଲ୍ ପରୀକ୍ଷା

ଭୁବନେଶ୍ୱର, ୩୦।୫ : ଆୟୁଷ୍ମାନ ଭାରତ କାର୍ଡଧାରୀଙ୍କ ପାଇଁ ଆସିଛି ଏକ ବଡ଼ ଏବଂ ଆଶ୍ୱସ୍ତିଦାୟକ ଖବର । ଏଣିକି ହସ୍ପିଟାଲରେ ଆଡମିଟ୍ ହେବା ପୂର୍ବରୁ କରାଯାଉଥିବା ସମସ୍ତ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ ପ୍ୟାକେଜ୍ ଭିତରେ ରହିବ ।

ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ପାଉଥିବା ରୋଗୀଙ୍କ ପାଇଁ ଏହା ଏକ ବଡ଼ ପଦକ୍ଷେପ । ସାଧାରଣତଃ ଦେଖାଯାଉଥିଲା ଯେ, ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବାର ୩ ଦିନ ପୂର୍ବରୁ କରାଯାଇଥିବା ବିଭିନ୍ନ ପରୀକ୍ଷା ପାଇଁ ରୋଗୀଙ୍କ ପରିବାରକୁ ଅଲଗା ଖର୍ଚ୍ଚ କରିବାକୁ ପଡ଼ୁଥିଲା । ଏହି ଖର୍ଚ୍ଚ ଏବେ ଆୟୁଷ୍ମାନ ପ୍ୟାକେଜ୍ ଅନ୍ତର୍ଭୁକ୍ତ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ପଷ୍ଟ କରିଛନ୍ତି ।

ମନ୍ତ୍ରୀଙ୍କ ଏହି ଘୋଷଣା ପରେ ସମସ୍ତ ଘରୋଇ ହସ୍ପିଟାଲକୁ କଡ଼ା ତାଗିଦ୍ କରାଯାଇଛି । ଯଦି କୌଣସି ହସ୍ପିଟାଲ ଏହି ନିୟମକୁ ଅବମାନନା କରେ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଛି । ଏହି କମିଟି ବିଭିନ୍ନ ହସ୍ପିଟାଲ ପରିଦର୍ଶନ କରି ନିୟମ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ଯାଞ୍ଚ କରିବ । କେବଳ ପରୀକ୍ଷା ନୁହେଁ, ହସ୍ପିଟାଲ କର୍ମଚାରୀମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ କିଭଳି ଭଲ ବ୍ୟବହାର କରିବେ, ତାହା ଉପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି ।

କୌଣସି ପ୍ରକାର ଅଭିଯୋଗ ଯେପରି ନ ଆସିବ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ହସ୍ପିଟାଲ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ପରେ ସାଧାରଣ ଲୋକଙ୍କୁ ଚିକିତ୍ସା କ୍ଷେତ୍ରରେ ବଡ଼ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି । ତେବେ ଏହି ନିୟମ କେତେ ଦୂର କଡ଼ାକଡ଼ି ଭାବେ ପାଳନ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ସିୟୁଇଟି ପରୀକ୍ଷାରେ ବିଭ୍ରାଟ

ନୂଆଦିଲ୍ଲୀ, ୩୦।୫ : ଦେଶର ବିଭିନ୍ନ କେନ୍ଦ୍ରରେ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି) ୨୦୨୬ ପରୀକ୍ଷା ବିଳମ୍ବକୁ ନେଇ ଶନିବାର ସାରା ଦେଶରେ ବିବାଦ ହୋଇଛି । ଗୋଟିଏ ପଟେ ଦୂରଦୂରୁ ଆସିଥିବା ପରୀକ୍ଷାର୍ଥୀ ପ୍ରଚଣ୍ଡ ଖରାରେ ଘଣ୍ଟାଘଣ୍ଟା ଧରି ପରୀକ୍ଷା ହଲ୍ ବାହାରେ ଛିଡା ହୋଇଥିବା ଦେଖାଦେଇଛି । ପରୀକ୍ଷାରେ ଆୟୋଜନରେ ତ୍ରୁଟିକୁ ନେଇ କେନ୍ଦ୍ର ସରକାର ପୁଣି ଥରେ ରାଜନୈତିକ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ବିରୋଧୀଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରାଯିବା ପରେ ଏନଟିଏ ଯାନ୍ତ୍ରିକ ତ୍ରୁଟିକୁ ଦାୟୀ କରିଛି । ଆମ ଆଦମୀ ପାର୍ଟି ନେତ୍ରୀ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ ସିୟୁଇଟି ବିଳମ୍ବକୁ ଜାତୀୟ ସ୍ତରର ପରୀକ୍ଷା ପରିଚାଳନାରେ ଆଉ ଏକ ଅବ୍ୟବସ୍ଥା ବୋଲି କହିଛନ୍ତି । ସେ ଏକ୍ସରେ ପୋଷ୍ଟ କରି କହିଛନ୍ତି, ପ୍ରଥମେ ନିଟ୍, ତାପରେ ସିବିଏସଇ, ଏବେ ସିୟୁଇଟି । ଏହା ସହିତ ସେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଏବଂ ସିବିଏସଇ ଦ୍ୱାଦଶ ଶ୍ରେଣୀର ମାର୍କିଂ ସିଷ୍ଟମକୁ ନେଇ ଚାଲିଥିବା ବିବାଦ ଆଡ଼କୁ ଆଙ୍ଗୁଠି ନିର୍ଦ୍ଦେଶ କରିଛନ୍ତି । କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି । ଏହି ଅବ୍ୟବସ୍ଥା ତାଲିକାରେ ସେ ଷ୍ଟାଫ୍ ସିଲେକ୍ସନ କମିଶନ ପରୀକ୍ଷାକୁ ମଧ୍ୟ ସାମିଲ କରିଛନ୍ତି । ଏକ୍ସରେ ଲେଖିଛନ୍ତି, ନିଟ୍, ସିବିଏସଇ, ଏସଏସସି ଏବଂ ଆଜି ସିୟୁଇଟି । ଚାରୋଟି ପରୀକ୍ଷା, ଏକ କୋଟି ପିଲା । ଗୋଟିଏ ହେଲେ ପରୀକ୍ଷା ସ୍ୱଚ୍ଛତାର ସହ କରାଯାଇ ନାହିଁ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶ୍ୱଗୁରୁ ଦାବିକୁ ଚ୍ୟାଲେଞ୍ଜ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ବର୍ବାଦ କରିଦେଇଛନ୍ତି । କହିଛନ୍ତି, ଯେଉଁ ପିଢ଼ିର ଭବିଷ୍ୟତ ଆପଣ ନଷ୍ଟ କରୁଛନ୍ତି, ସେହି ପିଢ଼ି ହିଁ ଆପଣଙ୍କ ହିସାବ କରିବେ। । ଏହାସହ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଆତିଶୀଙ୍କ ପୋଷ୍ଟକୁ ସେୟାର କରି ଲେଖିଛନ୍ତି, ଦେଶକୁ ଜଣେ ଶିକ୍ଷିତ ପ୍ରଧାନମନ୍ତ୍ରୀ ଦରକାର । ପରୀକ୍ଷାରେ ଅବ୍ୟବସ୍ଥାକୁ ନେଇ ଏନଟିଏ ଲଗାତାର ବିବାଦରେ ରହିଛି । ଏନଟିଏ ପାଇଁ ଗତ କିଛି ସପ୍ତାହ ମଧ୍ୟରେ ସିୟୁଇଟି ତ୍ରୁଟି ଦ୍ୱିତୀୟ ବଡ଼ ଝଟକା । ଗତ ମେ’ ୩ରେ ଅନୁଷ୍ଠିତ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଏବଂ ବ୍ୟାପକ ଅନିୟମିତତା ଅଭିଯୋଗ ଯୋଗୁଁ ବାତିଲ କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ସହ ଜୁନ୍ ୨୧ ତାରିଖରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃ ପରୀକ୍ଷା କରିବାକୁ ଦିନ ଧାର୍ଯ୍ୟ କରିଛି । ଆତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ଭଳି ବିରୋଧୀ ନେତାମାନେ ପରୀକ୍ଷା କେନ୍ଦ୍ର ବାହାରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳାର ଭିଡିଓ ସେୟାର କରି ସରକାରଙ୍କ ଅପାରଗତାକୁ ନିନ୍ଦା କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅବଶ୍ୟ ସିବିଏସଇ ତ୍ରୁଟି ପାଇଁ ନିଜେ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି ଏବଂ ସୁରୁଖୁରୁରେ ସବୁ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ଅନ୍ୟପଟେ, ନିକଟରେ ଅନୁଷ୍ଠିତ ଏସଏସସି ଜିଡି କନଷ୍ଟେବଳ ପରୀକ୍ଷାକୁ ନେଇ ମଧ୍ୟ ବିବାଦ ହୋଇଛି । ବ୍ୟାପକ ସର୍ଭର କ୍ରାଶ୍, ସିଟିଂ କ୍ଷମତାର ଭୁଲ ହିସାବ ଏବଂ ଗ୍ରେଟର ନୋଏଡାରେ ଏକ ହାଇଟେକ୍ କପି ଗ୍ୟାଙ୍ଗ ଧରାପଡ଼ିବା ପରେ ଏସଏସସି ମଧ୍ୟ ବିବାଦ ଘେରକୁ ଆସିଥିଲା । ଯାହାଫଳରେ କିଛି ସିଫ୍ଟର ପରୀକ୍ଷା ବାତିଲ କରିବାକୁ ପଡ଼ିଥିଲା ।

ସିୟୁଇଟିକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଦେଖାଦେଇଥିବା ଆଶଙ୍କା ଉପରେ ପ୍ରତିକ୍ରିୟା ରଖି ଏନଟିଏ ଏକ ସ୍ପଷ୍ଟୀକରଣ ଜାରି କରିଛି । ଏଜେନ୍ସି କହିଛି ଯେ ସେମାନଙ୍କର ଟେକ୍ନିକାଲ ପାର୍ଟନର ଟାଟା କନସଲଟାନ୍ସି ସର୍ଭିସେସ୍‌ର ଯାନ୍ତ୍ରିକ ତ୍ରୁଟି ଯୋଗୁଁ କିଛି କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା । ପରେ ଏହି ସମସ୍ୟାର ସମାଧାନ କରାଯାଇଥିଲା ଏବଂ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ଦିଆଯାଇଥିଲା । ବିଳମ୍ବ ଯୋଗୁଁ ଦ୍ୱିତୀୟ ସିଫ୍ଟର ସମୟ ଅପରାହ୍ନ ୩ଟା ବଦଳରେ ୪ଟାକୁ ଘୁଞ୍ଚାଇ ଦିଆଯାଇଥିଲା । ଏନଟିଏ ଏହି ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିବା ସହ ହେଲ୍ପଲାଇନ ନମ୍ବର ଜାରି କରିଛି ।

# ଶୀତଳ ଷଷ୍ଠୀ ପର୍ବ ପାଇଁ ୧.୮ କୋଟି ଅନୁଦାନ ପ୍ରଦାନ କରାଯିବ

ଭୁବନେଶ୍ୱର, ୩୦।୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁରଜିଲ୍ଲାଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ସମ୍ବଲପୁର ଓ ବରପାଲିରେ ଭବ୍ୟ ସମାରୋହରେ ଅନୁଷ୍ଠିତ ହେଉଛି। ଶିବ ଏବଂ ପାର୍ବତୀଙ୍କର ପବିତ୍ର ବିବାହ ଉତ୍ସବ ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଉଛି। ଏହି ଯାତ୍ରା ୭ ଦିନ ଧରି ଚାଲିଥାଏ। ପରମ୍ପରା ଅନୁସାରେ ପ୍ରଭୁ ଶିବଙ୍କ ବିବାହ ଜଣେ ସାଧାରଣ ବର ପରି ସମ୍ପନ୍ନ ହୁଏ। ଭକ୍ତମାନେ ମା ପାର୍ବତୀଙ୍କ ବାପା-ମା ଭୂମିକା ଗ୍ରହଣ କରି ବୈଦିକ ରୀତିନୀତିରେ ବିବାହ କରାଇଥାଆନ୍ତି। ସମ୍ବଲପୁରର ବିଭିନ୍ନ ଶୈବପୀଠ (ଯଥା: ନନ୍ଦପଡ଼ା, ଝାଡ଼ୁଆପଡ଼ା, ମୁଦିପଡ଼ା ଇତ୍ୟାଦି)ରୁ ଭବ୍ୟ ଶୋଭାଯାତ୍ରା ବାହାରିଥାଏ। ରଙ୍ଗବେରଙ୍ଗର ଆଲୋକସଜ୍ଜା, ସୁଶୋଭିତ ରଥ ଏବଂ ପାରମ୍ପରିକ ଲୋକନୃତ୍ୟ ଏହାର ମୁଖ୍ୟ ଆକର୍ଷଣ ହୋଇଥାଏ।




# ଜୁନ୍‌ରୁ ମନ୍ତ୍ରୀଙ୍କ ରିପୋର୍ଟକାର୍ଡର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୫: ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟସହନଶୀଳତା। ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କଲେ ମୁଖ୍ୟମନ୍ତ୍ରୀ। ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହାକୁ ନେଇ ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି। ଚିତ୍ତରଞ୍ଜନ ପିଲ୍ଲାପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ।

ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା। ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି। ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ଚିତ୍ତରଞ୍ଜନ ପିଲ୍ଲାଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହିଛନ୍ତି।

# ପରିଗଣନା ଫର୍ମ ବାଣ୍ଟିଲେ ଜିଲ୍ଲାପାଳ

## ଏସ୍.ଆଇ.ଆର ନେଇ ଗଞ୍ଜାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ



ଛତ୍ରପୁର, ୩୦।୫ (ଆନିସ): ଗଞ୍ଜାମ ଜିଲ୍ଲାରେ ଆଜିଠୁ ପରିଗଣନା ଫର୍ମ ବଣ୍ଟନ ଆରମ୍ଭ ହୋଇଛି। ସ୍ଥାନୀୟ ବି ଏଲ ଓ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି କୀର୍ତ୍ତି ଭାସନଙ୍କ ବାସଭବନକୁ ଯାଇ ପରିଗଣନା ଫର୍ମ ପ୍ରଦାନ କରିଥିଲେ। ଜିଲ୍ଲାପାଳ ତାକୁ ଗ୍ରହଣ କରିବା ସହିତ ଛତ୍ରପୁର ସହରର ବିଭିନ୍ନ ଅଞ୍ଚଳକୁ ଯାଇ ପରିଗଣନା ଫର୍ମ ବଣ୍ଟନ ପୂର୍ବକ ବି ଏଲ ଓ ଏବଂ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ।

ଜିଲ୍ଲାପାଳ ଏସ ଆଇ ଆର ସମ୍ପର୍କିତ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆଜିଠାରୁ ଆରମ୍ଭ ହୋଇଥିବା ଜିଲ୍ଲାର ସମସ୍ତ ଅଞ୍ଚଳରେ ପରିଗଣନା ଫର୍ମ ବଣ୍ଟନ ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

ଏହି ଅଭିଯାନରେ ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ ) ମାନେ ପ୍ରତ୍ୟେକ ଘରକୁ ଯାଇ ଭୋଟରମାନଙ୍କୁ ଏନୁମେରେସନ୍ ବା ପରିଗଣନା ଫର୍ମ ବାଣ୍ଟିବେ। ଏହି ଫର୍ମରେ ଭୋଟରଙ୍କ ପୁରୁଣା ତଥ୍ୟ ସହ ଏକ ନୂତନ ଫଟୋଗ୍ରାଫ୍ ଲଗାଇବା ପାଇଁ ସ୍ଥାନ ରହିଛି। ଭୋଟରମାନେ ନିଜର ଏବଂ ନିଜ ପରିବାର ସଦସ୍ୟଙ୍କ ସଠିକ୍ ବିବରଣୀ ଯେପରିକି- ଜନ୍ମ ତାରିଖ, ଆଧାର ନମ୍ବର, ମୋବାଇଲ୍ ନମ୍ବର ଏବଂ ଏପିକ୍ ନମ୍ବର ଆଦି ପୂରଣ କରିବେ। କୌଣସି ସନ୍ଦେହ ଉପୁଜିଲେ, ଫର୍ମରେ ଉଲ୍ଲେଖ ଥିବା ବିଏଲ୍ଓଙ୍କ ମୋବାଇଲ୍ ନମ୍ବରରେ ଲୋକେ ସିଧାସଳଖ ଯୋଗାଯୋଗ କରିପାରିବେ।

ଫର୍ମ ବାଣ୍ଟିବାର କିଛି ଦିନ ପରେ ବିଏଲ୍ଓମାନେ ପୁଣିଥରେ ଘରକୁ ଆସି ପୂରଣ ହୋଇଥିବା ଫର୍ମଗୁଡ଼ିକୁ ସଂଗ୍ରହ କରିବେ। ଏଥିସହିତ ସେମାନେ ଦୁଇଟି ଫର୍ମରୁ ଗୋଟିଏ ନିଜ ସହ ନେବେ ଏବଂ ନାଗରିକମାନଙ୍କୁ ପ୍ରମାଣ ସ୍ୱରୂପ ଅନ୍ୟ ଫର୍ମ ଦସ୍ତଖତ କରି ପ୍ରଦାନ କରିବେ।

ଭୋଟର ତାଲିକାରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟଙ୍କ ନାମ ହଟାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଯେଉଁମାନେ ବାହାରେ ରହୁଛନ୍ତି କିମ୍ବା ଅଫଲାଇନରେ ଫର୍ମ ପୂରଣ କରିପାରିବେ ନାହିଁ, ସେମାନେ ( (voters.eci.gov.in) ଜରିଆରେ ଅନଲାଇନ୍ ମାଧ୍ୟମରେ ନିଜର ଆବେଦନ ଦାଖଲ କରିପାରିବେ, ଯାହାକୁ ପରେ ବିଏଲ୍ଓ ଏବଂ ଇଆରଓ ଯାଞ୍ଚ କରିବେ।

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ସଫଳ କରିବା ନିମନ୍ତେ ବିଏଲ୍ଓ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଗଞ୍ଜାମବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ସାବାଡ଼ ହେବେ ଅପରାଧୀ

ବ୍ରହ୍ମପୁର,, ୩୦।୫ (ଆନିସ): ଦକ୍ଷିଣାଞ୍ଚଳ ଆଇଜି ତଥା ୨୦୦୭ ବ୍ୟାଚର ଆଇପିଏସ୍ ନୀତି ଶେଖର, ବ୍ରହ୍ମପୁର ଏସ୍ପି ଶ୍ରବଣା ଭିବେକ ଏମ୍ ଓ ଆଡିସନାଲ୍ ଏସପି ଆଲୋକ ଜେନା । ଏହି ୩ ଜଣଙ୍କ ଜୋଡି ଏବେ ବ୍ରହ୍ମପୁରର ଅପରାଧୀମାନଙ୍କ ଉପରେ ଭାରି ପଡ଼ିଛି । କେବଳ ବ୍ରହ୍ମପୁର କାହିଁକି ସମଗ୍ର ଜିଲ୍ଲାରେ ଏବେ କୋକୁଆ ଭୟ । ଅପରାଧ ଜଗତରେ ପଡ଼ି ଗଲାଣି ଭାଳେଣି ।

ଅପରାଧୀମାନେ ଛାନିଆ ହୋଇ ଯାଇଛନ୍ତି । ଅପରାଧ ଘଟାଇବା ପୂର୍ବରୁ ଶହେ ଥର ଭାବୁଛନ୍ତି । ଅନେକ ଅପରାଧୀ ଏବେ ଜିଲ୍ଲା ଛାଡ଼ି ଦେଲେଣି । କାରଣ କେଉଁ ମୁହୂର୍ତ୍ତରେ ସେମାନଙ୍କୁ ଗୁଳି ହୋଇ ପାରେ । ଏଭଳି ଚେତବାନୀ ଏବେ ଆଇଜି ନୀତି ଶେଖର ଓ ଏସପି ଶ୍ରବଣା ଭିବେକ ଦେଇ ସାରିଛନ୍ତି । ତା ସାଙ୍ଗକୁ ଏନକାଉଣ୍ଟର ମାଷ୍ଟର ଅତିରିକ୍ତ ଏସପି ଆଲୋକ ଜେନା । ଓଡ଼ିଶା ପୁଲିସକୁ ଏନକାଉଣ୍ଟର କ'ଣ ଶିଖାଇ ଥିବା ଆଇଜି ଆଶିଷ ସିଂ ଙ୍କ କଥା ଏବଂ କାର୍ଯ୍ୟ ପୁଣି ଜିଲ୍ଲାର ବିଷୟ ପାଲଟିଛି ଏବଂ ଶ୍ରୀ ସିଂ ଆଉ ଆଲୋକଙ୍କ ଯୋଡି ବେଶ ଚର୍ଚ୍ଚା ମଧ୍ୟ ହୋଇଥିଲା ବର୍ତ୍ତମାନ ମଧ୍ୟ ଆଲୋକ ଓ ତାଙ୍କ ଟିମ୍ ଏବେ ଅପରାଧୀଙ୍କୁ ଛାନିଆ କରି ହଲଚଲ ସୃଷ୍ଟି କରୁଛନ୍ତି ବ୍ରହ୍ମପୁରରେ । ବ୍ରହ୍ମପୁର ପରେ ଭୁବନେଶ୍ୱରରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସାବାଡ଼ କରିଥିବା ଆଲୋକ ଏବେ ବ୍ରହ୍ମପୁରରେ ଅପରାଧୀମାନଙ୍କ ଉପରେ ଭାରୀ ହେଉଛନ୍ତି । ଏସପି ଏବଂ ଅତିରିକ୍ତ ଏସପିଙ୍କ ଯୋଡ଼ିକୁ ଦେଖି ଅନେକ ଅପରାଧ ଛାଡ଼ି ଦେଲେଣି ।

ସଂଗଠିତ ଅପରାଧକୁ ଆଉ ବରଦାସ୍ତ କରିବ ନାହିଁ ବ୍ରହ୍ମପୁର ପୁଲିସ । ବିଚ୍ ରାସ୍ତାରେ ସାଧାରଣରେ ଭୟର ବାତାବରଣ ଓ ଆତଙ୍କ ସୃଷ୍ଟି କରୁଥିବା ଅପରାଧୀମାନଙ୍କୁ ଆଉ ଛଡ଼ା ଯିବ ନାହିଁ । ଗୋଡ଼ାଇ ଗୋଡ଼ାଇ ସିଧା ସଳଖ କରାଯିବ ଏନକାଉଁଟର । ଠିକ୍ ଯେମିତି ଯୋଗୀ ସରକାର ଉତର ପ୍ରଦେଶରେ କରୁଛନ୍ତି, ଏଠାରେ ମୋହନ ସରକାରର ପୁଲିସ ଅପରାଧୀଙ୍କ ଗୋଡକୁ କରିବ ଗୁଳି । ଅପରାଧୀମାନେ ଜିଲ୍ଲା ଛାଡ଼ ନ ହେଲେ ରାଜ୍ୟ । ନଚେତ ଗୁଳି ଖାଅ । ଏବେ ବ୍ରହ୍ମପୁର ପୁଲିସ ଏହି ନାରା ଦେବା ଆରମ୍ଭ କରିଛି । ଦୁଇ ସପ୍ତାହ ମଧ୍ୟରେ ବ୍ରହ୍ମପୁର ପୁଲିସ ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୁଳି କରିଛି ।

# ଲୋଚାପଡ଼ା ବୁଥରେ ଏସଆଇଆର କାର୍ଯ୍ୟ

## ତଦାରଖ ସହ ପରିଗଣନା ଫର୍ମ ବଣ୍ଟନ କଲେ ଉପଜିଲ୍ଲାପାଳ



ବ୍ରହ୍ମପୁର, , ୩୦।୫ (ଆନିସ): ୩୦ ମେ ୨୦୨୬ ଠାରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଏସ ଆଇ ଆର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟକ୍ରମ ଚାଲିବ । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଅଧୀନରେ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ ଶ୍ରୀ ଅବିନାଶ କୁମାର (ଭା ପ୍ର ସେ) ଲୋଚାପଡ଼ା ବୁଥ୍ ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ତଦାରଖ କରିବା ସହ ଭୋଟର ମାନଙ୍କୁ ଫର୍ମ ବଣ୍ଟନ କରିଥିଲେ ।

ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ବି ଏଲ ଓ ମାନେ ଘରକୁ ଘର ଯାଇ ଭୋଟରଙ୍କୁ ପରିଗଣନ ଫର୍ମ ବିତରଣ କରିଥିଲେ ଏବଂ ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ବୁଝାଇଥିଲେ। ଏହି ସମୟରେ କୁକୁଡ଼ାଖଣ୍ଡି ଏ ବି ଡି ଓ ତଥା ଅନ୍ୟ ବିଭାଗୀୟ ଅଧିକାରୀ, ବି ଏଲ ଓ ସୁପରଭାଇଜର ଓ ବୁଥ୍ ଲେଭେଲ୍ ଅଫିସର ଉପସ୍ଥିତ ଥିଲେ।

ଉପଜିଲ୍ଲାପାଳ ଶ୍ରୀ କୁମାର ଭୋଟରଙ୍କ ସହ ଆଲୋଚନା କରି ଏସ ଆଇ ଆର ର ଉଦ୍ଦେଶ୍ୟ ଓ ଆବଶ୍ୟକ ପ୍ରମାଣପତ୍ର ବିଷୟରେ ଅବଗତ କରାଇଥିଲେ। ବି ଏଲ ଓ ମାନଙ୍କୁ ନିଷ୍ଠାର ସହ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସମସ୍ତ ଭୋଟରଙ୍କୁ ବିଏଲ୍ଓ ଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ।

# ବ୍ରହ୍ମପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସଚେତନତା ପଦଯାତ୍ରା




ବ୍ରହ୍ମପୁର, , ୩୦।୫ (ଆନିସ): – ଆଜି ଶନିବାର ସକାଳେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଏହି ପଦଯାତ୍ରା କମାପଲ୍ଲୀ ଛକ ଓ ଉପଜିଲ୍ଲାପାଳଙ୍କ ବାସଭବନ ଦେଇ ପୁଣି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା।

ଉପଜିଲ୍ଲାପାଳ ଶ୍ରୀ ଅବିନାଶ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର , ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ରିନା କୁମାରୀ ନାୟକ, ଡେପୁଟି କଲେକ୍ଟର ଶ୍ରୀ ସୁବ୍ରତ ରାମ ବିରାମ ଶତପଥୀ ଏବଂ ନିର୍ବାଚନ ଡେପୁଟି କଲେକ୍ଟର ଶ୍ରୀ ଅଲେଖ ରଞ୍ଜନ ମହାକୁଡ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ସମସ୍ତ ବି ଏଲ ଓ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ପଦଯାତ୍ରାରେ ସାମିଲ ହୋଇ ଏସ ଆଇ ଆର୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ।ପଦଯାତ୍ରାରେ ସାମିଲ ହୋଇଥିବା ସମସ୍ତେ ହାତରେ ସଚେତନତା ପ୍ଲାକାର୍ଡ ଧରି ଭୋଟର ତାଲିକାର ସଠିକତା ଓ ଏସ ଆଇ ଆର ର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ ।

ଆଜି ୩୦ ମେ ୨୦୨୬ ଠାରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ସହଯୋଗ କରିବା ସହ ଆବଶ୍ୟକ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଅନୁରୋଧ କରାଯାଉଛି।

# ଚିକିଟୀ ବ୍ଲକ ଅଧ୍ୟକ୍ଷ ଆପନା ସେଠୀଙ୍କ ପରଲୋକ

ଚିକିଟୀ,, ୩୦।୫ (ଆନିସ): ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ଅଧ୍ୟକ୍ଷ ଆପନା ସେଠୀ(୫୭)ଙ୍କ ସିତଲାପଲ୍ଲୀ ସ୍ଥିତ ସୋମ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଥିବା ଜଣାପଡ଼ିଛି। ଗତ ଗୁରୁବାର ଅପରାହ୍ନ ସମୟରେ ଆପନା ସେଠୀ ହଠାତ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଚିକିଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ପୁଣି ସେଠାରୁ ସିତଲାପଲ୍ଲୀ ସ୍ଥିତ ସୋମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।ସୋମ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ଜଣେ ଦକ୍ଷ ବିଜେଡି ନେତା ଥିଲେ। ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଚିକିଟୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଚିକିଟୀ ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଥିଲେ। ଆପନା ସେଠୀଙ୍କ ବିୟୋଗରେ ଚିକିଟୀ ନିର୍ବାଚନ ମଣ୍ଡଳୀରେ ଶୋକରଛାୟା ଖେଳିଯାଇଛି। ଚିକିଟୀ ବ୍ଲକ ଅଧ୍ୟକ୍ଷ ଆପାନା ସେଠୀଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ, ବିଜେଡି ନେତା ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ,ବରିଷ୍ଠ ବିଜେଡି ସଂଗଠନ ସୁରେନ୍ଦ୍ର ମଣ୍ଡଳ,ଚିକିଟୀ ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସାହାସ ଓ ଧର୍ଯ୍ୟ ଯୋଗାଇଥିଲେ।

# କାଳ ବୈଶାଖି ନେଲା ଜୀବନ

ମୁନିଗୁଡା ,୩୦।୫(ଆନିସ) ଗତକାଲି ରାତିରେ କାଳବୈଶାଖି ପ୍ରଭାବରେ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ କୁତ୍ରାଗଡ ଗ୍ରାମର ଜିତେନ୍ଦ୍ର ଜାଲ ୫୫ ର୍ଷ ମତ୍ୟୁ ବରଣ କରିଛନ୍ତି। ଜିତେନ୍ଦ୍ର କୁତ୍ରାଗଡ ପଞ୍ଚାୟତ ହୁକୁମତୋଳା ପମ୍ପ ହାଉସରେ କାମ କରି ସେହି ଠାରେ କ୍ୱାଟରରେ ରହୁଥିଲା। ଗତକାଲି ରାତିରେ କାଳବୈଶାଖି ପରେ ପମ୍ପରେ ପାଣି ଛାଡିବାକୁ



ଯିବା ବେଳେ ହଠାତ ଗଛ ଭାଙ୍ଗି ଜିତେନ୍ଦ୍ର ଉପରେ ପଡିଥିଲା । ସବୁଦିନ ପରି କୁତ୍ରାଗଡ ନିଜ ଗାଁ କୁ ସକାଳୁ ନ ଯିବାରୁ ପରିବାର ଲୋକ ହୁକୁମତେଳା ଆସି ଦେଖିଥିଲେ ଗେଟରେ ତାଲା ପଡିଛି ଏବଂ ଜିତେନ୍ଦ୍ର ଉପରେ ଗଛ ପଡି ସେ ମରି ପଡିଛି । ଆଜି ସକାଳୁ ପୁଲିସ ପହଂଚି ତଦନ୍ତ କରିବା ସହ ଅଗ୍ନୀଶମ ବାହିନୀ ଜିତେନ୍ଦ୍ରର ମତ ଦେହକୁ ବ୍ୟବଛେଦ ପାଇଁ ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ।

# ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ୨ ଅଭିଯୁକ୍ତକୁ ଆଣି ସିନରିକ୍ରିଏସନ କଲା ପୋଲିସ



ବୁଗୁଡ଼ା, ୩୦।୫ (ଆନିସ): ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର ଗ୍ରାମର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲା ରେ ଗିରଫ ହୋଇଥିବା ଆଉ ୨ ଅଭିଯୁକ୍ତକୁ ୨ ଦିନିଆ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରି ସେହି ଦିନ ଘଟିଥିବା ସମସ୍ତ ଘଟଣା ପଚାରି ବୁଝି ସହ ସେମାନଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବାସହ ଅପହରଣ ପରେ ବୁଗୁଡ଼ା ଥାନା ଅନ୍ତର୍ଗତ ରାମ ପାଦ ନିକଟ କିରିଆମ୍ବା ଜଙ୍ଗଲ କୁ ଆଣି ହତ୍ୟାକରିଥିବା ସ୍ଥାନରେ ସିନରିକ୍ରିଏସନ କରାଇଛି ପୋଲିସ ।ଦୁଇ ଅଭିଯୁକ୍ତ ହେଲେ କବିସୂର୍ଯ୍ୟନଗର ଥାନା ଅଂଚଳର ମୁକେଶ ସାହୁ ଓ ଗୁଜୁରାଟ ସୁରତର ସୁମିତ ସିଂ ଉଭୟ ଅଭିଯୁକ୍ତ ଅପହରଣ ଠାରୁ ହତ୍ୟା ପର୍ଯ୍ୟନ୍ତ ସମସ୍ତ ଘଟଣା ସହଏହି ଘଞ୍ଚ ଜଙ୍ଗଲ ବିଷୟରେ କିଏ ସୂଚନା ଦେଇଥିଲା ତାର ସତ ଓଗାଳିଥିବାବେଳେ ବ୍ଲାଙ୍କ ଫାୟାରିଙ୍ଗ କରି ଡରାଇ ତାର ଭିଡିଓ ଉତ୍ତୋଳନ ଓ ବାଡେଇ ବାଡେଇ ମାରିବାର ଡେମୋ ଦେଖାଇଛନ୍ତି ଦୁଇ ଅଭିଯୁକ୍ତ, ପୂର୍ବରୁ ଆଉ ତିନିଜଣ ଅଭିଯୁକ୍ତ ଙ୍କର ଏହି ଜାଗାରେ ସିନରିକ୍ରିଏସନ କରିଥିବାବେଳେ ଆଜି ଏହି ଦୁଇ ଜଣ ଙ୍କ ସିନରିକ୍ରିଏସନ କରାଇ ସେମାଙ୍କୁ ସୋରଡ଼ା ଗୋଚ୍ଛା ଜଙ୍ଗଲକୁ ନେଇଛି ଗୋପାଳପୁର ପୋଲିସ ।

# ବୁଥସ୍ତରୀୟ ଅଧିକାରୀଙ୍କୁ ଛତା ବଣ୍ଟନ କଲେ କର୍ପୋରେଟର



ବ୍ରହ୍ମପୁର, ୩୦।୫ (ଆନିସ): ବ୍ରହ୍ମପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ତଥା ଏସ ଆଇ ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ମହାନଗର ୱାର୍ଡ ୩୨ ଅଞ୍ଚଳରେ ଏହି କାର୍ଯ୍ୟ ଲାଗି ନିୟୋଜିତ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ଖରାକୁ ଦୃଷ୍ଟି ରେ ରଖି କର୍ପୋରେଟର ସୁରେନ୍ଦ୍ର ମହାରଣା ନିଜେ ଘର୍ ଘର୍ ବୁଲି କାର୍ଯ୍ୟରେ ସହଯୋଗ କରିବା ସହ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ଛତା ବଣ୍ଟନ କରିଥିଲେ ।ପ୍ରାୟ ୨୫ ଜଣକୁ ମାଗଣାରେ ଏପରି ଛତା ବଣ୍ଟନ କରାଯିବ ବୋଲି କର୍ପୋରେଟର ମହାରଣା କହିଛନ୍ତି ।


ମେ ୩୦ ତାରିଖ ୨୦୨୬ ଠାରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ଅଧିକାରୀ ଙ୍କୁ ସହଯୋଗ କରିବା ସହ ଆବଶ୍ୟକ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଅନୁରୋଧ କରାଯାଇଛି।

# ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ମୋହନ ଚରଣ ମହାନ୍ତଙ୍କ ଅବସର

## ସରଳତା, ନମ୍ରତା ଓ କର୍ମନିଷ୍ଠା ପାଇଁ ପରିଚିତ ବ୍ୟାଙ୍କ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ମୁନିଗୁଡା,୩୦୫(ଆନିସ) ଦୀର୍ଘ ୩୯ ବର୍ଷର କର୍ମମୟ ଜୀବନ ପରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଆମ୍ବାଦଳା ଶାଖାର କ୍ୟାସିୟର ମୋହନ ଚରଣ ମହାନ୍ତ ଆଜି ସମ୍ମାନର ସହ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ପରିସରରେ ଏକ ଭାବପ୍ରବଣ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀ, କର୍ମଚାରୀ ଓ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଶ୍ରୀ ମହାନ୍ତଙ୍କ ଦୀର୍ଘ କର୍ମଜୀବନର ସଫଳତା ଓ ଅବଦାନକୁ ସ୍ମରଣ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଶ୍ରୀ ମହାନ୍ତ ନିଜର ସଚ୍ଚୋଟତା, ନିଷ୍ଠା ଓ ସେବା ମନୋଭାବ ଦ୍ୱାରା କର୍ମକ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶ୍ରୀ ମହାନ୍ତ ପ୍ରଥମେ ଭାରତୀୟ ବାୟୁସେନାରେ ୨୬ ବର୍ଷ ଧରି ଦେଶସେବା କରିଥିଲେ। ପରେ ରାଜସ୍ୱ ବିଭାଗରେ ଏକ ବର୍ଷ କାର୍ଯ୍ୟ କରିବା ପରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଯୋଗଦେଇ ଗତ ୧୨ ବର୍ଷ ଧରି ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ଏଭଳି ଭାବେ ସେ ଦୀର୍ଘ ୩୯ ବର୍ଷର କର୍ମଜୀବନରେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ଓ କର୍ତ୍ତବ୍ୟପରାୟଣତାର ପରିଚୟ ଦେଇଛନ୍ତି। ଅଞ୍ଚଳରେ ଶ୍ରୀ ମହାନ୍ତ ଜଣେ ସରଳ, ନମ୍ର, ମିଷ୍ଟଭାଷୀ ଓ କର୍ମନିଷ୍ଠ ବ୍ୟକ୍ତି ଭାବେ ପରିଚିତ। ଗ୍ରାହକମାନଙ୍କ ପ୍ରତି ତାଙ୍କର ଆନ୍ତରିକ ବ୍ୟବହାର, ସହଯୋଗୀ ମନୋଭାବ ଏବଂ ଦାୟିତ୍ୱବୋଧ ତାଙ୍କୁ ସମସ୍ତଙ୍କ ପ୍ରିୟ ପାତ୍ର କରିପାରିଥିଲା। ତାଙ୍କ ଅବସର ବ୍ୟାଙ୍କ ପରିବାର ସହିତ ଅଞ୍ଚଳବାସୀଙ୍କ ମଧ୍ୟରେ ମଧ୍ୟ ଏକ ଭାବପ୍ରବଣ ପରିବେଶ ସୃଷ୍ଟି କରିଥିଲା।ଉପସ୍ଥିତ ଅତିଥିମାନେ ଶ୍ରୀ ମହାନ୍ତଙ୍କ ସୁସ୍ଥ, ସୁଖମୟ ଓ ଉଜ୍ଜ୍ୱଳ ଅବସର ଜୀବନ କାମନା କରିଥିଲେ। ଶେଷରେ ଶ୍ରୀ ମହାନ୍ତ ନିଜ କର୍ମଜୀବନରେ ସହଯୋଗ କରିଥିବା ସମସ୍ତ ସହକର୍ମୀ, ଗ୍ରାହକ ଓ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଥିଲେ।

# ଚିକିଟୀରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ସାମ୍ବାଦିକ ସମ୍ମିଳନୀ କରି ବର୍ଷିଲେ ଶ୍ରୀରୁପ



ଚିକିଟୀ,, ୩୦।୫ (ଆନିସ):ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ସ୍ୱାସ୍ଥ୍ୟବସ୍ଥା ଭୁଷୁଡିବା ଲାଗିଛି । ଜିଲ୍ଲାର ପ୍ରାଣ ବିନ୍ଦୁ କୁହାଯାଉଥିବା ବ୍ରହ୍ମପୁର ଏମକେସିଜି ମେଡିକାଲରେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛି ବିଜେଡି । ଶୁକ୍ରବାର ଦିନ ଚିକିଟୀ ବିଜେଡି ତରଫରୁ ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ ଉପରେ ବର୍ଷିଥିଲେ। ଶ୍ରୀରୁପ କହିବା ଅନୁସାରେ ଗତ ଗୁରୁବାର ଦିନ ସାଧାରଣ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଯାଇଥିବା ଚିକିଟୀ ବ୍ଲକ ଅଧ୍ୟକ୍ଷ ଆପନ୍ନା ସେଠୀଙ୍କୁ ସମୟୋଚିତ ଭାବେ ଚିକିତ୍ସା ଯୋଗାଇ ନପାରିବା ଗଞ୍ଜାମ ଜିଲ୍ଲା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ଜ୍ୱଳନ୍ତ ଉଦାହରଣ। ସେହିପରି ଚିକିଟୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିକିଟୀ ଓ ପାତ୍ରପୁର ବ୍ଲକରେ ଥିବା ଦୁଇଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିତି ସମାନ। ଚିକିଟୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ରୁ ଉର୍ଦ୍ଧ ଡାକ୍ତର ଆବଶ୍ୟକ ସ୍ଥଳେ ମାତ୍ର ତିନିଜଣ ଡାକ୍ତର ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ପୁଣି ସେମାନଙ୍କ ମଧ୍ୟରୁ କେବଳ ଜଣେ ଦୁଇଜଣ ଡାକ୍ତର ନିଜନିଜ ମଧ୍ୟରେ ବଦଳ ପ୍ରକ୍ରିୟାରେ ଉପସ୍ଥିତ ରହୁଥିବା ଦୁଃଖ ଓ ପରିତାପର ବିଷୟ ପାଲଟିଛି। ଏହା ସାଙ୍ଗକୁ ଚିକିଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ନୂଆପଡ଼ା, କରବାଲୁଆ, ସୋରଳ , ସୁମାଣ୍ଡି, କୋଟଲିଙ୍ଗି ପ୍ରଭୃତି ପିଏଚସି ଗୁଡିକରେ କେହି ଡାକ୍ତର ନଥିବା ଯୋଗୁଁ ଉପଯୁକ୍ତ ଚିକିତ୍ସା ନପାଇ ଅଞ୍ଚଳବାସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ତଳେ ଚିକିଟୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଅବଧି ଶେଷ ଔଷଧକୁ ଖୋଲା ସ୍ଥାନରେ ନିଆଁ ଲଗାଇ ଜାଳି ଦେଇଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯାହାର ବିଷାକ୍ତ ଧୁଆଁ ଯୋଗୁଁ ସ୍ଥାନୀୟ ଜନସାଧାରଣ ନିକଟରେ ଥିବା ମାଁ ଗୃହର ପ୍ରସୁତି ମହିଳା ଓ ମେଡ଼ିକାଲକୁ ଆସିଥିବା ରୋଗୀ ଅସ୍ତବ୍ୟସ୍ତ ହୋଇଥିଲେ । ଏଥି ସହିତ ଦୁର୍ଘଟଣା ସମୟରେ ଆମ୍ବୁଲାନ୍ସ ନପାଇ ନିରିହ ଲୋକଙ୍କର ମୃତ୍ୟୁ ଘଟିଥିବା ସହିତ ଦୁର୍ଘଟଣାରେ ଆହତଙ୍କୁ ସଠିକ ସମୟରେ ଚିକିତ୍ସା ମିଳି ପାରୁନାହିଁ ବୋଲି ଉଦବେଗ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଅନେକ ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ମହୋଦୟ ଜାଣିଶୁଣି ଚୁପ୍? ରହୁଛନ୍ତି କାହିଁକି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ଶ୍ରୀରୁପ। ସେ ଆହୁରି କହିଛନ୍ତି ଯେ ଚିକିଟୀ ନିର୍ବାଚନ ମଣ୍ଡଳୀରେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପରିବାରକୁ ରେଡକ୍ରସ ତରଫରୁ ୩୦ ହଜାର ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ଏହାକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ଏଥିରେ ବିଧାୟକ ପାତରଅନ୍ତର କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ଶ୍ରୀରୁପ । ଗତ କିଛି ଦିନ ତଳେ ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତ ଅନ୍ତର୍ଗତ ତାଳପଡ଼ା ଗ୍ରାମର ଜଣେ ଗରିବ ପରିବାରର ବ୍ୟକ୍ତି ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଉକ୍ତ ବ୍ୟକ୍ତିଙ୍କୁ ଆଜି ପର୍ଯ୍ୟନ୍ତ ରେଡକ୍ରସ କିମ୍ବା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନକରିବା ବହୁ ଦୁଃଖର ବିଷୟ। ଏହା ମୃତାହତଙ୍କ ପ୍ରତି ସରକାରୀ ଯୋଜନାର ପାତରଅନ୍ତର ନୀତି ଅଟେ। ତେଣୁ ପାତ୍ରପୁର ତହସିଲ ପ୍ରସାଶନ ସେହି ପରିବାରଙ୍କୁ ଯଥୋଚିତ ସମ୍ମାନ ଦେଇ ସହାୟତା ପ୍ରଦାନ କରିବାକୁ ଦାବି ରଖିଛନ୍ତି ଶ୍ରିରୁପ ଦେବ। ନୂଆ ସରକାର ସାଙ୍ଗକୁ ନୂଆ ବିଧାୟକ ମହୋଦୟ ପକ୍ଷପାତିତା ନରଖି ସମସ୍ତଙ୍କୁ ସମାନ ନଜର ରଖି ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥି ସହିତ ବିଜେପି ବିଭିନ୍ନ ସମୟରେ ୨୪ ବର୍ଷ ୨୪ ବର୍ଷ କହିବା ବଦଳରେ କ୍ଷମତାକୁ ଆସିବା ୨୪ ମାସରେ ଚିକିଟୀ ସ୍ୱାସ୍ଥ୍ୟାବସ୍ଥା କାହିଁକି ସୁଧାରି ପାରିଲେ ନାହିଁ ତାହାର ଉତ୍ତର ରଖିବାକୁ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ଦାବୀ ଉପସ୍ଥାପନା କରିଛନ୍ତି ପୂର୍ବତନ ଚିକିଟୀ ବିଜେଡି ବିଧାୟକ ପାର୍ଥି ଚିନ୍ମୟାନନ୍ଦ ଶ୍ରୀରୁପ ଦେବ।

# ମନରୁ ସରାଗ ମରିଯାଏ



ମରି ଯାଉଅଛି ମନରୁ ସରାଗ
ଜୀବନ ଯାଉଛି ହାରି
ମରଣ ଲାଗୁଛି ସବୁଠାରୁ ସୁଖ
ତା ନିହାତି ଦରକାରୀ ।

ବଞ୍ଚିବାରେ ଯଦି ଆନନ୍ଦ ନ ମିଳେ
ବଞ୍ଚିକି ଅବା କି ଲାଭ
ଜୀବନ ସହିତ ବାନ୍ଧି ପାରୁନାହିଁ
ଅତି ସହଜେ ମୁଁ ଭାବ
ଯାବତୀୟ ଚିନ୍ତା ମାଡି ବସୁଅଛି
ଚିନ୍ତାରେ ହେଉଛି ଘାରି ।

ଯେଉଁ ଡାଳ ଧରେ ସେ ଡାଳ ଭାଙ୍ଗୁଛି
ଏହା କି ଜୀବନ ମାନେ
ଯେତେ ଜଣାଇଲେ ଠାକୁରଙ୍କୁ ଦୁଃଖ
ସିଏ ନ ଶୁଣନ୍ତି କାନେ
ଭାଗ୍ୟ ଖେଳୁଅଛି ଚକାଭଉଁରୀ ଯେ
ଯନ୍ତ୍ରଣା ହେଉଛି ଭାରି ।

ଏମିତି ସମୟ ଉପନୀତ ଏବେ
ମୋ ଦୁଃଖ ବୁଝିବ କିଏ
ଯାହାକୁ କହିବ ସିଏ ନ ଶୁଣିବ
କହିବ କି ଦୁଃଖ ଇଏ
ମନକଥା ଖୋଲି କାହାକୁ ନ କହି
ମନରେ ଦେଉଛି ମାରି ।

ବନ ପୋଡିଗଲେ ସଭିଏଁ ଜାଣିବେ
ଏକଥା ନିହାତି ସତ
ମନ ପୋଡ଼ିଗଲେ କିଏସେ ଜାଣିବ
ରହିଛି ଏମିତି ମତ
ମୋ ମନ ବେଦନା ମୁହିଁ ଜାଣେ ସିନା
କାନ୍ଦେ ମୁଁ ସମୟ ସାରି ।

*****

ନିରଞ୍ଜନ ସାହୁ
ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬

# ଜଳ ହିଁ ଜୀବନ



ଜଳ ହିଁ ଜୀବନ ସମ୍ଭବ ଧରାରେ
ପୃଥିବୀ ଜୀବନ୍ତ ଗ୍ରହ......
ଜଳ ପାଇଁ ସବୁ ଜୀବନ ତିଷ୍ଠିଛି
ଉଦ୍ଭିଦ ପ୍ରାଣୀଙ୍କ ଦେହ.....!!

ଗ୍ରୀଷ୍ମ ଋତୁ ହେଲେ ସୂର୍ଯ୍ୟ ତାପେ
ବାଷ୍ପ ହୋଇ ଜଳ ଶୁଷ୍କ....
ନଦ ନଦୀ ଝର ଜଳ ସ୍ରୋତ ଯେତେ
ନିଷ୍କ୍ରିୟ ନିଶ୍ଚଳ ଦୃଶ୍ୟ.....!!

ତଡାଗରେ ମତ୍ସ ପ୍ରାଣୀ ମୃତ୍ୟୁ ଘଟେ
ଜଳ ସଂକଟ ସ୍ୱରୂପ.....
ଜଳ ପୁଷ୍ପ ଯେତେ ଅଦୃଶ୍ୟ ହୁଅନ୍ତି
ନ ପାଇ ସଲିଳ ସ୍ୱଳ୍ପ....!!

ପ୍ରଚଣ୍ଡ ଗ୍ରୀଷ୍ମରେ ଅନାବୃଷ୍ଟି ହେତୁ
ଅରଣ୍ୟେ ପାଦପ ଲତା.....
ସଲୀଳ ବିହୁନେ ଧ୍ୱଂସ ହୁଏ ବନ
ଅଗ୍ନି ଦାହ ବଡ ଚିନ୍ତା.....!!

ପଶୁ ପକ୍ଷୀ ଯେତେ ଅଛନ୍ତି ଧରାରେ
ଗ୍ରୀଷ୍ମ ଅବକାଶ ବେଳେ.....
ଜଳ ପାନ ବିନା ଅକାଳ ମୃତ୍ୟୁକୁ
କୋଳାଗ୍ରତ ହୁଏ ବଳେ....!!

ଜଳ ବିନା ସୃଷ୍ଟି ହୋଇଯିବ ନାଶ
ଜଳ ହିଁ ଜୀବନ ସୂତ୍ର....
ଜଳ ଦେଇଥାଏ ଖାଦ୍ୟ ଶସ୍ୟ ସବୁ
ଜୀବନର ମହାମନ୍ତ୍ର.....!!

ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହ ଯେତେ
ଶୁଷ୍କ ଗ୍ରହ ବୋଲି ଜାଣ.....
ନଥିବାରୁ ଜଳ ନାହିଁ ଟି ଜୀବନ
ଏକଥା ଦୃଢ ପ୍ରମାଣ.....!!

ପୃଥିବୀରୁ ଯଦି ଜଳ ଉଭେଇବ
ଜୀବନ ହୋଇବ ଧ୍ୱଂସ......
ଜଳ ଯୋଗୁଁ ସିନା ବଞ୍ଚିଅଛି ପ୍ରାଣ
ଜଳ ହିଁ ଅମୃତ ରସ.....!!

(କବି କେଶବ ଚନ୍ଦ୍ର ନାୟକ)
(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)

# ବୃହତ ଶୁଖୁଆ ହାଟ

କାହାରି ପାଇଁକି ମେରୁଦଣ୍ଡ ସାଜେ
ବେପାର କରିବା ପାଇଁ
ପଖାଳ ସାଙ୍ଗରେ ପୋଡଟିଏ ଥିଲେ
କେତେ ଯେ ସ୍ୱାଦ ଲାଗଇ ।

ଏସିଆର ସର୍ବ ବଡ଼ ହାଟ ହୋଇ
ହୁମ୍ମାରେ ସ୍ଥାପିତ ହେଲା
ଉଣେଇଶ ଚଉଷଠି ମସିହାରେ
ନିର୍ମାଣ ହୋଇଛି ଭଲା

ଦେଶ ମହାଦେଶକୁ ରପ୍ତାନୀ ହୁଏ
ଏହି ହାଟର ଶୁଖୁଆ
ରାଜ୍ୟ ବାହାରରୁ ଛୁଟି ଆସିଥାନ୍ତି
ବିକ୍ରୟ ଭାରି ବଢିଆ ।

ଆଖ ପାଖ ଚାଷୀ ଲାଭବାନ ହୁଏ
ଗୁଜୁରାଣ ମେଣ୍ଟାଇବା
ଦୁଇ ପଇସାର ରୋଜଗର କରି
ଆତ୍ମନିର୍ଭର ହୋଇବା ।

ନାନା ପ୍ରଜାତିର ଶୁଖୁଆ ମିଳଇ
ଲୋକଙ୍କ ଗହଳି ବେଶୀ
ଶନି ,ରବିବାର ଦୁଇ ଦିନ ଚାଲେ
ବେପାରୀ ହୁଅନ୍ତି ଖୁସି ।

ସୁନୀଲ କୁମାର ପ୍ରଧାନ
ଝାଟିପଦର, ପାଲୁର , ଗଂଜାମ

# ସୁସ୍ଥ ପରିବେଶରେ ସୁସ୍ଥ ପରିବାର

ସୁସ୍ଥ ପରିବେଶରେ ସୁସ୍ଥ ପରିବାର
ସ୍ୱଚ୍ଛ ସ୍ୱଚ୍ଛତାର ନିଦର୍ଶନ ପ୍ରତି ପାଦିତ ହେଉ ଏ ଧରା ପୃଷ୍ଠେ
ଜାଗରଣ ହେଉ ଜନ ମାନସେ,ଏହାର ପ୍ରତିଛବି ପ୍ରତି ମୁହୂର୍ତ୍ତରେ।
ସାଂସାରିକ ଜୀବନର ସାର୍ଥକତା ଅନୁଭବକୁ ମରମେ ମର୍ମେ
ପରିବାର ମୁଖ୍ୟାଂଶ ପୂଜ୍ୟପିତା, ସେ ମହାଦ୍ରୁମ କଳ୍ପତରୁ ପରିବାର ମଧ୍ୟେ।
ପୁତ୍ର କନ୍ୟା ପରିବାର ସ୍ୱଜନେ
ସେ ଦ୍ରୁମର କିଛି କିଛି ଅଂଶ
ଶୋଭାବନ୍ତ ନାନା ରୂପ ନେଇ।
କେବେ ଆସେ ଏ ବୃକ୍ଷର ପତ୍ରଝଡ଼ା ଅକାଳରେ
କେବେ ପୁଣି ପତ୍ର ହୁଏ ପଲ୍ଲବିତ
ସଂସାରକୁ ସଂଗେ ଧରି ବୃକ୍ଷର ସୌନ୍ଦର୍ଯ୍ୟ ପାଇଁ
ମୂଳ ହୋଇ ଖୋଜେ ଜଳ ଜୀବସାର
ସୁସ୍ଥ କରେ ପରିବେଶ ସଂସାର ଅରଣ୍ୟ
ସଂସ୍କାରକୁ କରି ମୂଳମନ୍ତ୍ର।

ସଂଜୀବ ପଧାନ,
ଶ୍ରୀପୁର, ରୁପ୍ରାରୋଡ, କଳାହାଣ୍ଡି

# ବିଶ୍ୱାସ

କିଏ କହେ କେତେ କଥା
ବିଶ୍ୱାସ ହରାଇଛି ଆସ୍ଥା
ହୋଇଯାଇଛି ଭାରି ଶସ୍ତା
ଆଗେ ମିଳୁଥିଲା ବସ୍ତା ବସ୍ତା
ନଥିଲା ଭେଜାଲ ପେସ୍ତା
ଏବେ ବିଶ୍ୱାସକୁ ବିଶ୍ୱାସ ମିଳୁନି
ଲୋକେ ହେଲେଣି ହୀନସ୍ତା
ଦୁନିଆଁ କମଳା ଲେମ୍ବୁ ପରି ନୁହଁ
ବରଂ ଲାଗୁଛି ଛୀର୍ଣ୍ଣମସ୍ତା
ଲୋକେ ବିଶ୍ୱାସରେ ଧକ୍କା ଧୋକ୍କା ପାଇ
ପିନ୍ଧିଲେଣି କସ୍ତା ଖାଇଲେଣି ପେସ୍ତା
ବିଶ୍ୱାସକୁ ଆଉ ନିଶ୍ୱାସ ମିଳୁନି
ନିଜ ଦେଶେ ଲାଗେ ଫିରିଙ୍ଗି ଫରିସ୍ତା
ମୋ ରାଇଜ ଉତ୍କଳ ଚାରୁ ଚିତ୍ରୋତ୍ପଳା
ସଭିଙ୍କୁ ଦେଇଛି ଆସ୍ଥା
ଦର୍ଘ୍ୟ ପ୍ରସ୍ଥ ଉଚ୍ଚତା
ଦେଶ ଅଟେ ଭାରତ ମାତା
ରାଇଜ ଓଡିଶାର ନୈସର୍ଗିକତା
ଉପମା ଭରି କରିଦିଏ ଆକତାମାକତା
ପର୍ଯ୍ୟଟକ ସନ୍ତୁଷ୍ଟ ବିଶ୍ୱାସନିୟତା
ଅଛି ଥିଲା ଥିବ ବିଶ୍ୱାସ ପରସ୍ତ ପରସ୍ତ
ଆସୁଥିବେ ଯାଉଥିବେ ଗାଇ ଗାଇ
ଦେଶ ଭାରତ ରାଜ୍ୟ ଓଡିଶା ଜଗତଜିତା
ମୋ ଦେଶ ରାଇଜ ବିଶ୍ୱାସର ଗୁଣବତ୍ତା
କିଏ କହେ ନାହିଁ ଏଠାରେ ବିଶ୍ୱାସ
ଏସବୁ ଏକଦମ ଭୁଲ କଥା
ଦେଶ ଓ ରାଇଜ ମୋ ମାଆ ମାଟି
ବିଶ୍ୱାସ ନାମ ଏଠି ଗୋପନୀୟତା

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ
ପୁରୀ

# ନୂଆଁ ନୂଆଁ ପ୍ରିୟା ଛୁଆଁ

ମନେ ନାହିଁ କେଉଁ ବିଜନ ବେଳାରେ
ବେଳାଭୂମି ତଟେ ଛୁଆଁ ,
ଛୁଇଁଦେଲ ଯେବେ ଅଧରେ ଅଧର
ଭୁଲି ପାରୁନି ତା କିଆଁ?୧
ଅଧାରେ ଅଟକି ରହିଯାଏ ମୁଁ ଯେ
ପାଶେ ଥିଲେ ମୋର ପ୍ରିୟା,
ଅଧରାତିରେ ମୁଁ ଉଠଇ ଚମକି
ସତେକି ରାବିଲେ କୁଆ !୨
ତୁମେ ଥିଲେ ପାଶେ ପାଶୋରି ଦିଏ ମୁଁ
ଶୀତଳ କି ନୁହେଁ ନିଆଁ,
ତବ ବିମ୍ବାଧରେ ପାଇଛି ସନ୍ଧାନ
ମରୁରେ ଗଭୀର ଚୁଆଁ।୩
ମନୋରାଜ୍ୟେ ଘୁରି ବୁଲେ ପ୍ରଜାପତି
ଭୁଆ ଯେହ୍ନେ ପାଇ ଖୁଆ,
ଗାତ୍ର ମାତ୍ର ହୋଇଥାଏ ପୁଲକିତ
ଶିରାପ୍ରଶିରାରେ ନିଆଁ।୪
ଶୀତେ ଗୀତ ଗାଇ ଥାଏ ହୃଦବୀଣା
ଲାଗେ ସତେ ନିଆଁ ପୁଆଁ ,
ନିରସ ବ୍ୟଞ୍ଜନ ମୋ ପାଟିକୁ ମଧ
ଲାଗେ ଅତି ସୁଆଦିଆ।୫
ଗୁଆର ସୁଆଦ ପଚାରିଲେ କେହି
କହେ ତାହା ଯେହ୍ନେ ମୁଆଁ,
ଛୁଆଟି ଯେସନେ ମା ବିହୁନେ ଦୁଃଖେ
କାନ୍ଦେ କରି କୁଆଁ କୁଆଁ।୬
ଦରଶେ ପରଶେ ସରସ ଲାଗଇ
ଅଦରଶେ କ୍ଷଣେ ପ୍ରିୟା,
ଫଗୁଣର ଫଗୁ ଫିକା ଫିକା ଫୁଲ
ଫାଟି ଲୋଟିଯାଏ ହିଆ।୭
ଦଣ୍ଡେ ନ ଦେଖିଲେ ଖଣ୍ଡ ହୁଏ ହୃଦ
ଗଣ୍ଡେ ଲୋତକ ବନିଆଁ,
ଦଣ୍ଡେନା ଧଣ୍ଡକୁ ଭଣ୍ଡାର ମଣ୍ଡନା
ମୁଣ୍ଡେ ମୋ ଅ-ନିଆଁ ଧୂଆଁ।୮

ଶ୍ୟାମ ପ୍ରସାଦ ମିଶ୍ର
କ୍ରମାଗତ ୨ୟ ଥର ମୁଖ୍ୟମନ୍ତ୍ରୀ
ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ,
ଉପେନ୍ଦ୍ର ଭଞ୍ଜ
ଉଚ୍ଚ ବିଦ୍ୟାଳୟ ,
ଭଂଜନଗର , ଗଞ୍ଜାମ

# ଭାଗ୍ୟ



ଭାଗ୍ୟ ନୁହେଁ ସଦା ସରଗ ସୁଷମା
କେବେ ସେ ଅନ୍ଧାର ପଥ
କର୍ମ ଅନୁରୂପ ଫଳ ମିଳିଥାଏ
ଏହା ଚିରନ୍ତନ ସତ୍ୟ
ମଣିଷ ଭାଗ୍ୟର ଦାସ
ସୁବିଚାର ସହ ଯେ କର୍ମ କରଇ
ମୁକୁଳଇ ଭାଗ୍ୟ ଫାସ।
କର୍ମ ଫଳ ପରା ବିଧିର ବିଧାନ
ସୁକର୍ମ ଦିଅଇ ମାନ
ଅଧର୍ମ ଅନୀତି ପଥେ ଯିଏ ଚାଲେ
ସଦା ହୁଏ ହୀନିମାନ
କର୍ମ ଦିଏ ମିଠା ଫଳ
ଭାଗ୍ୟ ତ ଅଟଇ କପାଳ ଲିଖନ
କେବେ ଖୁସି କେବେ କାଳ।
କର୍ମ ଅନ୍ତେ ଯେଉଁ ଫଳ ପ୍ରାପ୍ତିହୁଏ
ସେ ଅଟେ ଆମ ଅର୍ଜିତ
ସୁଖ ଦୁଃଖ ପରା ମୁଦ୍ରା ଦୁଇ ପାର୍ଶ୍ୱ
ନହୁଅ କେବେ ବ୍ୟଥିତ
ଭାଗ୍ୟକୁ ନକର ଦୋଷୀ
ସୃଷ୍ଟି ନିୟନ୍ତାଂକ ପାରିତ ନିର୍ଦ୍ଦେଶ
ଦିଏ ଦୁଃଖ ଅବା ଖୁସି।
ଭାଗ୍ୟକୁ ଆଦରି ଶୋଇବା ବେକାର
ସୁକର୍ମରେ ରଖ ଲୟ
ନିରାଶା ଦୂରେଇ ଶାନ୍ତି ବିରାଜିବ
ଲୁଚିଯିବ ମନୁ ଭୟ
ମନକୁ ପଚାର ଥରେ
ଶ୍ରମ କର୍ମ ଆମ ନିଜ ଗୁରୁ ସାଜି
ପୋଛିଦେବ ଲୁହ ଧିରେ।
ଛାଇ ଆଲୁଅର ଖେଳ ଏ ଜୀବନ
କେବେ ଦିନ କେବେ ରାତି
ନିଃସ୍ୱାର୍ଥ ଭାବରେ କର୍ମ କରିଯାଅ
ଦୂରେଇ ପରାଣୁ ଭୀତି
ମନରୁ ତେଜି ସଂକୋଚ
ପ୍ରୟାସ କରିଲେ ବିଜୟ ମିଳିବ
ଏହା ହିଁ କୃଷ୍ଣ ଉବାଚ।
..!!!!!!!!!!!!

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବିଶ୍ୱ କାରିଗର



ସୃଷ୍ଟିରେ ଯେତେକ ସମ୍ଭାର
ରଙ୍ଗ ରୂପ ବେଭାର
ସବୁ ଦେଇଛ ତୁମେହିଁ ଠାକୁର
ମଣିଷ କରିଛି ସୃଷ୍ଟି ଭେଦଭାବର
ଇଏ କରଣ ସେ ବ୍ରାହ୍ମଣ
ଏ ନୁହଁ ଆମ ଜାତିର
ନାହିଁ ଶୁଦ୍ଧି ଆଚାର ବିଚାର
କହି କହି ଆମେ ନିଜେ ସ୍ରଷ୍ଟା
ସତେ ଯେମିତି ଗାଁ ସହର ବିଶ୍ୱର
ସର୍ବନିୟନ୍ତା ଜାଣନ୍ତି ସତ୍ୱର
ଯୋଉ ବୋଉ ଫୁଲ ନିଏନି କରିମ ଭାଇର
ସେଇ ବୋଉ ଆଣିଛି ଫୁଲକୁଣ୍ଡ ସବୁ
କରିମ ଭାଇଙ୍କ ବାପାଙ୍କ ଫୁଲଗଛ ବାଛି କିଛି
ତାଙ୍କ ନିଜ ବଗିଚା ରୂପୀ ପ୍ରକଳ୍ପର
ଆଣିଲା ବେଳେ ଚାଚା କହିଥିଲେ
ଏ ଫୁଲ ଗଣେଷ ସେ ଫୁଲ ହନୁମାନଙ୍କର
ବୋଉ ଖୁସିରେ ହସି କହୁଥିଲା
ହେଇଥିବେ ବ୍ରାହ୍ମଣ ଜାଣନ୍ତି ନିୟମ ଜଣା ସତ୍ୱର
ବୋଉ ବୁଝିଥାଉ ତା ମନ ବିଶ୍ୱାସର
ପୁଅ କିନ୍ତୁ ଜାଣେ ଏ ସୃଷ୍ଟିରେ ଏକମାତ୍ର ସ୍ରଷ୍ଟା
ଜାଣନ୍ତି ସବୁ ବୋଲି ରଥ ରହେ ବଡଦାଣ୍ଡେ
ଅନ୍ତ ନାହିଁ ଭକ୍ତି କୁସୁମ ବେଭାର ଆଜିବି
ସାଲବେଗଙ୍କ ଅପେକ୍ଷାର
ତଥାପି ଚୁପ ରହିବାକୁ ହୁଏ କେବେ କେବେ
ସର୍ବ ଶକ୍ତିମାନ ନେଇ ଆଣି ଥୋଇବେ
କାହାକୁ କୋଉ ଦିଗ ପଶ୍ଚିମ କି ପୂର୍ବର

******

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ
ପୁରୀ

# ରାୟଗଡ଼ରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ




ରାୟଗଡ଼ା, ୩୦।୫ (ଆନିସ): ରାୟଗଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟ ସୁଚାରୁ ଭାବେ କାର୍ଯ୍ୟକରୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଗତ କାଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ଏହି ସଂଶୋଧନ ପ୍ରକ୍ରିୟା, ଏହାର ସମୟସୀମା ଓ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା କାଲି ୦୧ ଜୁଲାଇ ୨୦୨୬ କୁ ଯୋଗ୍ୟତା ଅର୍ଜନ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ନୂତନ ଭୋଟରମାନେ ଏହି ସମୟ ମଧ୍ୟରେ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ସେ କହିଥିଲେ।

ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଗତ ମେ ୨୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରାଥମିକ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଣ୍ଟିଂ କାର୍ଯ୍ୟ ମେ ୨୯ ତାରିଖରେ ଶେଷ ହେଉଛି। ଏହାପରେ ଆସନ୍ତା ମେ ୩୦ ରୁ ଜୁନ୍? ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବୁଥ୍? ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟର ସତ୍ୟାପନ କାର୍ଯ୍ୟ କରିବେ। ଏହି ସମୟ ମଧ୍ୟରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତକରଣ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ।

ସେହିପରି ଆସନ୍ତା ଜୁଲାଇ ୫ ତାରିଖରେ ରାୟଗଡ଼ା ଜିଲ୍ଲାର ଚିଠା ଭୋଟର ତାଲିକାପ୍ରକାଶ ପାଇବ। ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସାଧାରଣ ଜନତା। ନୂତନ ନାମ ପଞ୍ଜୀକରଣ, ସଂଶୋଧନ ଓ ଆପତ୍ତି ସମ୍ବନ୍ଧୀୟ ଦାବି ଦାଖଲ କରିପାରିବେ। ଏହି ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଓ ନୋଟିସ୍? ପ୍ରକ୍ରିୟା ଜୁଲାଇ ୫ ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ପରେ ସମସ୍ତ ଆପତ୍ତିର ସମାଧାନ କରାଯାଇ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ନିମନ୍ତେ ବୁଥ୍? ସ୍ତରୀୟ ଅଧିକାରୀମାନଙ୍କ ପାଇଁ ଏକ ଆଦର୍ଶ ପରିଚାଳନା ପଦ୍ଧତି ମଧ୍ୟ ଜାରି କରାଯାଇଛି। ଏହାଅନୁଯାୟୀ ମାନେ ନିଜ ଅଞ୍ଚଳର ପ୍ରତ୍ୟେକ ପରିବାରକୁ ଯାଇ ଭୋଟର ତାଲିକାର ଭୌତିକ ସତ୍ୟାପନ କରିବେ। ତାଲିକାରେ ଥିବା ଅନୁପସ୍ଥିତ, ସ୍ଥାନାନ୍ତରିତ ଓ ମୃତ ଭୋଟରଙ୍କୁ ଚିହ୍ନଟ କରି ପୃଥକ ତାଲିକା ପ୍ରସ୍ତୁତ କରାଯିବ। ସେହିପରି ନୂତନ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍? ପାଇଁ ଫର୍ମ-୭ ଏବଂ ସଂଶୋଧନ ପାଇଁ ଫର୍ମ-୮ ବଣ୍ଟନ ଓ ସଂଗ୍ରହ କରାଯିବ।

ମତଦାନ କେନ୍ଦ୍ରଗୁଡ଼ିକର ସୁବିଧା, ଦୂରତା ଓ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ପହଞ୍ଚଗମ୍ୟତାକୁ ମଧ୍ୟ ମାନେ ଯାଞ୍ଚ କରିବେ। ଏହାଦ୍ୱାରା ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ ଓ ଅନ୍ତର୍ଭୁକ୍ତିମୂଳକ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ଯେ, ସେମାନେ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଜୁଲାଇ ୫ ତାରିଖରେ ପ୍ରକାଶ ପାଇବାକୁ ଥିବା ଚିଠା ଭୋଟର ତାଲିକାକୁ ଯାଞ୍ଚ କରି ନିଜର ଗଣତାନ୍ତ୍ରିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ।

ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନବୀନ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରୀ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ମାନୁଏଲା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ରବି ରିତୁ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଓ ସଚେତନତା ଶିବିର



ଜୟପୁର, ୩୦।୫ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ ଠାରେ ରବି ରିତୁ ଧାନ ସଂଗ୍ରହ ଓ ଚାଷୀ ମାନଙ୍କୁ ସଚେତନତା କରିବା ପାଇଁ ଏବଂ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାଏକ,ସମବାୟ ବିଭାଗ ଉପ ନିବନ୍ଧକ ମୋନିକା ରାୟ ଜୟପୁର ନିୟନ୍ତ୍ରିତ ବଜାର କମିଟି ର ଉପାଦକ୍ଷ ।ଲା ରାୟ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ କୁ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର କାନ୍ତ ସେଠି ପରିଚାଳନା କରିଥିଲେ । ଜୟପୁର ଉପଖଣ୍ଡ ର ବିଭିନ୍ନ ଅଞ୍ଚଳର ସମସ୍ତ ଚାଷୀ ମାନେ ଏବଂ ସମସ୍ତ ନିର୍ଦ୍ଦେଶକ ମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଆସନ୍ତା ୧ ତାରିଖରୁ ମଣ୍ଡି ଆରମ୍ଭ ହେବା ସହିତ ସରକାର ଯେଉଁ ଧାନର ସର୍ବନିମ୍ନ ମୂଲ୍ୟ ୨୩ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି ଏବଂ ବୋନସ ୮ ଶହ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ଭଳି ଭାବେ ଚାଷୀମାନେ ଉଚିତ୍ ମୂଲ୍ୟ ପାଇବେ ଏବଂ ଠିକ୍ ଢଙ୍ଗରେ ଧାନ । କ୍ରୟ କରାଯିବ ତାହାକୁ ନେ ଜୟପୁର ନିୟନ୍ତ୍ରିତ କମିଟି ଏବଂ ଯୋଗାଣ ବିଭାଗ ତରଫରୁ ମିଳିତ ଭାବେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଯେପରି ଉଚିତ ମାନର ଧାନ ଚାଷୀ ଆଣିବେ ଏବଂ ମଣ୍ଡିରେ ଠିକ ଢଙ୍ଗରେ ପହଞ୍ଚାଇବେ ଯାହା ଫଳରେ ଧାନର ମୂଲ୍ୟ ସର୍ବନିମ୍ନ ଯାହା ରହିଛି ତାଙ୍କର ପ୍ରାପ୍ୟ ଯେପରି ଠିକ୍ ପାଇବେ ସେଥିପ୍ରତି ଧ୍ୟାନ ଦିଆଯାଇଛି। ଆଜିର ଏହି ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର କାନ୍ତ ସେଠି, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶଙ୍କର ସେନ ଭୋଇ,ସହକାରୀ ଯୋଗାଣ ଅଧିକାରୀ ଏନ ଲକ୍ଷ୍ମଣ ରାଓ,ଆରଏମସି କମିଟି ମେମ୍ବର କୃଷ୍ଣ ନେପାକ ଏବଂ ସମସ୍ତ ଉପଖଣ୍ଡ ର ଲେମ୍ପ ଏମଡି ବହୁ ଚାଷି ନେତା, ପାଣି ପଂଚାୟତ କର୍ମକତା ଉପସ୍ଥିତ ଥିଲେ । ସମସ୍ତ ମିଲ ମାଲିକ, କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ଶେଷରେ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର କାନ୍ତ ସେଠି ଧନ୍ୟବାଦ ଦେଇଥିଲେ। ଆଜିର ଏହି ପ୍ରଶିକ୍ଷଣ ଶିବିରରେ ଉଚ୍ଚପଦାଧିକାରୀ ଏବଂ ଚାଷୀ ନେତା, ବୁଦ୍ଧିଜୀବୀ, ମାନେ ଉପସ୍ଥିତ ରହିଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜୟପୁର ଉପଜିଲ୍ଲାପାଳ ସକାଳ ସାଢ଼େ ଆଠଟା ସମୟରେ ବୈଠକ ରଖିଥିବା ବେଳେ ଜୟପୁର ସମବାୟ ବିଭାଗ ଉପନିବନ୍ଧକ ଶ୍ରୀମତୀ ରାୟ ବହୁ ବିଳମ୍ବରେ ଉକ୍ତ କାର୍ଯ୍ୟକ୍ରମରେ ଆସି ପହଞ୍ଚି ଥିଲେ। ପହଞ୍ଚିବା ପରେ ଚାଷୀ ନେତା ମାନେ ସେମାନଙ୍କ ସମସ୍ୟା ଓ ଦୁଃଖ ପରିପ୍ରକାଶ କରିଥିଲେ। ଯଦି ଅନ୍ନଦାତା ମାନଙ୍କ ସହିତ ଯଦି ଏପରି କରାଯାଉଛି ତେବେ ସାଧାରଣ ଲୋକଙ୍କ ସହିତ ଏବଂ ହଜାର ହଜାର ଚାଷୀଙ୍କ ସହିତ କଣ ହେଉ ନ ଥିବ ତାହା ବୁଦ୍ଧିଜୀବୀ ମହଲରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି।


# ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରଙ୍କୁ ରାଜ୍ୟପାଳଙ୍କ ସମ୍ମାନ




ରାୟଗଡ଼ା,୩୦।୫(ଆନିସ) ଦୀପ୍ତି ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ର ଏ. ଉଦୟ କୁମାର ଆଇସିଏସଇ-୨୦୨୬ ପରୀକ୍ଷାରେ ୯୯.୨ ପ୍ରତିଶତ ନମ୍ବର ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।ଏ. ଶଙ୍କର ରାଓ ଓ ଏ. ବରଲକ୍ଷ୍ମୀଙ୍କ ପୁତ୍ର ଉଦୟ କୁମାରଙ୍କ ଏହି ସଫଳତା ରାୟଗଡ଼ା ଜିଲ୍ଲା ସହ ଦୀପ୍ତି ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ଗର୍ବର ବିଷୟ ପାଲଟିଛି। ସମାରୋହରେ ବିଭିନ୍ନ ବୋର୍ଡର ୨୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବାବେଳେ ଉଦୟ କୁମାର ସେମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସମ୍ମାନ ଗ୍ରହଣ ପରେ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଫଳତା ପଛରେ ଅଭିଭାବକ ଓ ଶିକ୍ଷକମାନଙ୍କ ଅବଦାନକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଶନିବାର ସକାଳେ ଉଦୟ କୁମାର ପରିବାର ସହ ରାୟଗଡ଼ା ରେଳ ଷ୍ଟେସନରେ ପହଞ୍ଚିବା ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା।

ପ୍ରଧାନାଚାର୍ଯ୍ୟା ସିଷ୍ଟର ଗ୍ରେସ, ଉପପ୍ରଧାନାଚାର୍ଯ୍ୟା ସିଷ୍ଟର ଲିସ୍ମି, ଶିକ୍ଷୟିତ୍ରୀ ପି. ପଦ୍ମଜା ବର୍ମାଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବ୍ୟାଣ୍ଡ ବାଦ୍ୟ ଓ ଶୋଭାଯାତ୍ରା ମାଧ୍ୟମରେ ଏହି ସଫଳତାକୁ ଉଦ୍‌ଯାପନ କରାଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଉଦୟ କୁମାରଙ୍କ ଏହି କୃତିତ୍ୱକୁ ନେଇ ଗଭୀର ଗର୍ବ ପ୍ରକାଶ କରିବା ସହ ତାଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଦୟଙ୍କ ସଫଳତା ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସାଜିବ ବୋଲି ମତ ପ୍ରକାଶ ପାଇଛି

## ମୁଖ୍ୟ ମନ୍ତ୍ରୀ ଙ୍କ ନିକଟରେ ବଂଶଧାରା ଆନିକଟ ଦାବୀ ଉଠାଇଲା ଏବିଭିପି



ଗୁଣପୁର, ୩୦।୫ (ଆନିସ): ଭୁବନେଶ୍ୱର ଠାରେ ଆୟୋଜିତ ଏ ବି ଭି ପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅବସରରେ ରେ ଗୁଣପୁର ଶାଖା କର୍ମ କର୍ତା ମାନେ ଓଡ଼ିଆ ର ମୁଖ୍ୟମନ୍ତ୍ରୀ ଙ୍କୁ ସାକ୍ଷାତ କାରି ବଂଶ ଧାରା ଉପରମୁଣ୍ଡ ରେ ଆନିକଟ ଦାବୀ ଉପସ୍ଥାପନ କରିଥିଲେ ବଂଶଧର ଅବବାହିକା ସୁରକ୍ଷା ସମିତି କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶ ଙ୍କ ନେତୃତ୍ୱରେ ସମିତି ସଦସ୍ୟ ତଥା ଏବିଭିପି ର ବିଭାଗ ପ୍ରମୁଖ ଉମା ଦାଶ, ପୂର୍ବତନ ଜିଲ୍ଲା ସଂଯୋଜକ ଭି.ସତୀଶ କୁମାର, ପୂର୍ବତନ ଯାନ୍ତ୍ରିକ ବିଭାଗ ପ୍ରମୁଖ ଚିନ୍ମୟ ପାଣିଗ୍ରାହୀ ପୂର୍ବତନ ଜିଲ୍ଲା ପ୍ରମୁଖ ଆଶୁତୋଷ ବରାଳ କାର୍ଯ୍ୟାଳୟ ସମ୍ପାଦକ ବି. ରବି କୁମାର, ବଂଶଧାର ବିଦ୍ୟାଳୟ ର ଅଧକ୍ଷ ତଥା ନଗର ସଭାପତି ଲକ୍ଷ୍ମୀ ମାହାକୁଡ଼, ପୂର୍ବତନ ଜିଲ୍ଲା ସହ ପ୍ରମୁଖ ରାଜେଶ ପାଢ଼ୀ ଦୀପକ ପଟନାୟକ, ଦୀନେଶ ଅଧିକାରୀ,ରାଷ୍ଟ୍ରୀୟ ସୋଙ୍ଘ ସେବକ ଦେବବ୍ରତ ଆଚାର୍ଯ୍ୟ ଓ ଶିବ ପ୍ରସାଦ ଡାକୁଆ ସମିଳିତ ଭାବେ ବଂଶଧାରା ଜଳ ଆନିକଟ ଦାବିପତ୍ର, ଗେଜେଟ ପ୍ରକାଶନ କପି ପ୍ରଦାନକରି ମୁଖ୍ୟମନ୍ତ୍ରି ଙ୍କ ଚଳିତ ମାସ ରାୟଗଡା ଗ୍ରସ୍ତ ସମୟରେ ଅନୁରୂପ ଦାବୀ ଉପସ୍ଥାପନ କଥା ଦୋହରାଇଥିଲେ ମୁଖ୍ୟ ମନ୍ତ୍ରୀ ଅନୁଧ୍ୟାନ ଚାଲୁଚି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ ।

## ପାରଳାଖେମୁଣ୍ଡି ସହରର ୫ଓ ୬ନଂ ୱାର୍ଡରେ ୩ଦିନ ଧରି ବିଦ୍ୟୁତ ସରବରାହ ବନ୍ଦ ପ୍ରତିବାଦରେ ରାସ୍ତାରୋକ

ପାରଳାଖେମୁଣ୍ଡି, ୩୦।୫ (ଆନିସ): ଗଜପତି ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ସହରର ୫ଓ ୬ ନଂ ୱାର୍ଡରେ ଗତ ୩ ଦିନ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିବା ପ୍ରତିବାଦରେ ଅଞ୍ଚଳବାସୀ ଉତ୍ତେଜିତ ହୋଇ ରାସ୍ତାରୋକ କରିଛନ୍ତି । ଏହି ୨ ଗୋଟି ୱାର୍ଡର ଲୋକେ ମିଳିତ ଭାବେ ଜଙ୍ଗମ ସାହି ଛକ ମୁଖ୍ୟ ରାସ୍ତାରେ ରାସ୍ତାରୋକ କରିବା ଯୋଗୁଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା. ରାସ୍ତାରୋକର ଖବର ପାଇ ପୋଲିସ ଓ ବିଦ୍ୟୁତ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବିଦ୍ୟୁତ ଯୋଗାଣ ନେଇ ନିର୍ଭରଯୋଗ୍ୟ ପ୍ରତିଶୃତି ଦେବା ପରେ ରାସ୍ତାରୋକ ୧ ଘଣ୍ଟା ପରେ ହଟିଥିଲା ।



# ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଗଜପତି ବିଜେଡ଼ି ଦଳ ପକ୍ଷରୁ ହରତାଳ




ପାରଳାଖେମୁଣ୍ଡି. ୩୦।୫(ଆନିସ): ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଉଥିବା ପ୍ରତିବାଦରେ ଗଜପତି ବିଜେଡି ରାଜରାସ୍ତାକୁ ଓହ୍ଲାଇଛି। ଯୁବ ଛାତ୍ର ଜନତା ଦଳ ଓ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସହରର ମଧ୍ୟବର୍ତ୍ତୀ ଜଙ୍ଗମ ସାହି ଛକରେ ଟାୟାର ଜାଳି ରାସ୍ତାରୋକ କରି ସରକାରଙ୍କ ଉପରେ ବର୍ଷିଛନ୍ତି ଯୁବ , ଛାତ୍ର, ମହିଳା ଜନତା ଦଳର ଶତାଧିକ କର୍ମୀ ଓ ସାଧାରଣ ଜନତା। ଦିନକୁ ଦିନ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି ଯାହା ଫଳରେ ସାଧାରଣ ଲୋକଙ୍କ ଜୀବନ ଜିବୀକା ନିର୍ବାହ କଷ୍ଟକର ହୋଇପଡିଛି। ସାଧାରଣତ ଜନତା ପ୍ରତିଦିନ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସରକାର କୈଣସି ଖାତିରି ନକରି ଦର ବୃଦ୍ଧି କରିଚାଲିଛନ୍ତି। ଆଗାମୀ ଦିନରେ ପ୍ରେଟ୍ରଲ ଡିଜେଲ ଦାମ୍ ନକମେଇଲେ ରାଜରାସ୍ତାକୁ ବିଜେଡି ନେତା କର୍ମୀ ବିକ୍ଷଭ କରିବେ ବୋଲି ଜଣାଇଛନ୍ତି, ଏହି କାର୍ଯ୍ୟକ୍ରମ ରେ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ମହିଳା ସଭାନେତ୍ରୀ ସଂଯୁକ୍ତ ବେହେରା, ଯୁବ ସଭାପତି ବିଶ୍ୱଜିତ୍ ତ୍ରିପାଠୀ, ତନୁଜା ଶତପଥୀ, , ସରପଞ୍ଚ ତେଜେସ୍ୱର୍ ରାଓ, ନଗର ସଭାପତି ସୁଧିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ

# ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏସ୍ଆଇଆର୍ ୨୦୨୬ର ଶୁଭାରମ୍ଭ

ଜୟପୁର, ୩୦।୫ (ଆନିସ): କୋରାପୁଟ କଫିର ମହକ ସହ ମିଶିଗଲା ଗଣତନ୍ତ୍ରର ମହକ। କୋରାପୁଟ କଫି ପରିସରରେ ଅନ୍ତର୍ଗତ ୨୦୨୬ ର ଶୁଭାରମ୍ଭ ହେଲା। ଜିଲ୍ଲାପାଳଙ୍କ ହାତରେ ଏସ୍ଆଇଆର ୨୦୨୬ ପତାକା ଉନ୍ମୋଚିତ ହେବା ସାଙ୍ଗକୁ କୋରାପୁଟ କଫିର ମହକରେ ଭାସିଲା ଭୋଟର ସଚେତନତାର ବାର୍ତ୍ତା।

ଜିଲ୍ଲାପାଳ କହିଲେ ଯେମିତି କୋରାପୁଟ କଫି ବିନା ଭେଜାଲରେ ଶୁଦ୍ଧ, ସେମିତି ଆମ ଭୋଟର ତାଲିକା ମଧ୍ୟ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ହେବା ଜରୁରୀ। ବିଏଲଓ ମାନେ ନିଷ୍ଠା ଓ ନିରପେକ୍ଷତାର ସହ ଘରକୁ ଘର ଯାଞ୍ଚ କରିବାକୁ ଜିଲ୍ଲାପାଳ ଉପଦେଶ ଦେଲେ। ଆଜିଠାରୁ ବିଏଲଓ ମାନେ ଘରକୁ ଘର ଯିବେ। ମୃତ, ସ୍ଥାନାନ୍ତରିତ ଓ ଦୁଇଥର ନାମ ବାଦ୍? ପଡିବ। ନୂଆ ୧୮ବର୍ଷୀୟଙ୍କ ନାମ ଯୋଡାଯିବ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନରେଶ ଚନ୍ଦ୍ର ଶବର, ଆଇ.ଏ.ଏସ ପ୍ରୋବେସନର ଅନୁପ ନାୟକ, ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ,ଡେପୁଟି କଲେକ୍ଟର ନିର୍ବାଚନ ତଥା ସିଭିଭିପି ନୋଡାଲ ଅଫିସର ମଙ୍ଗଳ ଚରଣ ବାସ୍କେ, ଆଦିବାସୀ ଉନ୍ନୟନ ସମବାୟ ନିଗମର ଶାଖା ପରିଚାଳକ ରାକେଶ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଏବଂ ବହୁ ବିଏଲଓ ମାନେ ଉପସ୍ଥିତ ଥିଲେ।

## ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରି ପ୍ରକ୍ରିୟା ସରିଲା

# ୧୮ ଗୋଟି ଦୋକାନୀଙ୍କ ମଧ୍ୟରେ ୬ ଜଣ ମହିଳା ରହିଛନ୍ତି




ପାରଳାଖେମୁଣ୍ଡି, ୩୦।୫ (ଆନିସ):ଗଜପତି ଜିଲାରେ ନୂତନ ଅବକାରୀ ନୀତି ଅନୁସାରେ ଜିଲାରେ ୧୯ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଗତକାଲି ଶୁକ୍ରବାର ନିଲାମ ଲଟେରୀ ପ୍ରକ୍ରିୟା ଦ୍ୱାରା ହୋଇଯାଇଛି। ଏହି ନବୀକରଣ ନିଲାମ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶକ୍ରମେ ବର୍ତ୍ତମାନର ଅବକାରୀ ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା. ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ଏବଂ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ଏହି ନିଲାମ ପ୍ରକ୍ରିୟା ସମାପନ ହୋଇଥିଲା. ୧୯ଟି ଠିପି ବନ୍ଦ ମଦ ଦୋକାନ ମଧ୍ୟରୁ ୧୮ଟି ଗୋଟି ପାଇଁ ୪୬୨ ଜଣ ଆବେଦନ କରିଥିଲେ. ପାରଳାଖେମୁଣ୍ଡି ସହରରେ ଥିବା ୨ ନମ୍ବର ମଦ ଦୋକାନ ପାଇଁ କେହି ଆବେଦନ କରିନାହାନ୍ତି। ଏହି ବିଦେଶୀ ଠିପି ବନ୍ଦ ମଦ ଦୋକାନ ନିଲାମରେ ଆବେଦନ ପାଇଁ ଜଣଙ୍କ ପିଛା ୩ ଲକ୍ଷ ଟଙ୍କା ନନରିଫଣ୍ଡ ଆବେଦନ ଦ୍ୱାରା ସରକାରଙ୍କୁ ୧୩ କୋଟି ୮୬ ଲକ୍ଷ ଟଙ୍କା ରାଜସ୍ୱ ମିଳିଛି। ଆବେଦନ କରିଥିବା ବ୍ୟକ୍ତିମାନଙ୍କ ପାଇଁ ଲଟେରି ମାଧ୍ୟମରେ ୪୬୨ ଜଣଙ୍କ ମଧ୍ୟରୁ ୧୮ଟି ଦୋକାନ ପାଇଁ ୧୮ ଜଣଙ୍କୁ ମନୋନୀତ କରାଯାଇଛି। ପାରଳାଖେମୁଣ୍ଡିସ୍ଥିତ ସପ୍ ନଂ. ୧ ପାଇଁ ସୁରେଶ ମହାନ୍ତି, ସପ୍ ନଂ. ୩ ପାଇଁ ସନ୍ତୋଷ ମହାପାତ୍ର ସପ୍ ନଂ. ୪ ପାଇଁ ନରେନ୍ଦ୍ର ସାହୁ, ସପ୍ ନଂ. ୫ ପାଇଁ ମାଲା ଦୀପିକା, ସପ୍ ନଂ. ୬ ପାଇଁ ରାବଡା ସୁରେଶ, ସପ୍ ନଂ ୮ ପାଇଁ ତ୍ରିପତି ସାହୁକାର, ସପ୍ ନଂ.୯ ପାଇଁ ତ୍ରିଲୋଚନ ପ୍ରଧାନ, ଗୁରାଣ୍ଡିସ୍ଥିତ ସପ୍ ନଂ. ୧୮ ପାଇଁ ରାଜକିଶୋର ସାହୁକାର, ଗାରାବନ୍ଧସ୍ଥିତ ସପ୍ ନଂ. ୭ ପାଇଁ ସିନ୍ଦିରି ରବି କୁମାର, କାଶୀନଗରସ୍ଥିତ ସପ୍ ନଂ. ୧୨ ପାଇଁ ଏସ. ରାଜେଶ୍ୱର ରାଓ, ଉଦୟଗିରିସ୍ଥିତ ସ୍ଥିତ ସପ୍ ନଂ.୧୪ ପାଇଁ ଶ୍ରୀତୁନ ସାହୁ, ଅଡବାସ୍ଥିତ ସପ୍ ନଂ. ୧୫ ପାଇଁ ସୂର୍ଯ୍ୟକାନ୍ତ ପୃଷ୍ଟି, ରାୟଗଡସ୍ଥିତ ସପ୍ ନଂ. ୧୦ ପାଇଁ ଏମ. ଚିନ୍ନାମୁଡୁ, ଉପଲଡାସ୍ଥିତ ସପ୍ ନଂ ନଂ. ୧୧ ପାଇଁ ଉମାରାଣୀ ସାହୁ, ହାଡୁଭା ଜୁଭାଙ୍ଗିସ୍ଥିତ ସପ୍ ନମ୍ବର ୧୩ ପାଇଁ ପାଟା ଜୟା, ରାଣୀପେଣ୍ଟସ୍ଥିତ ସପ୍ ନଂ. ୧୭ ପାଇଁ ଭେଙ୍କଟ ସତ୍ୟ ସୁରିୟାନାଟ ରିୟାନାରାୟଣା ରାଜୁ ଦାଣ୍ଡୁ, ମହେନ୍ଦ୍ରଗଡ ଲବାରସିଂସ୍ଥିତ ସପ୍ ନ. ୧୩ ପାଇଁ ରନ୍ଧାଲା ପାର୍ବତୀ, ମୋହନାସ୍ଥି ନାସ୍ଥିତ ସପ୍ ନଂ. ୧୯ ପାଇଁ ସ୍ୱର୍ଣ୍ଣଲତା ସା ସାହୁଙ୍କ ନାମ ଲଟେରି ମାଧ୍ୟମରେ ଉଠାଣ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

ତେବେ ଏହି ଲଟେରି ମାଧ୍ୟମରେ ଆବଣ୍ଟନ ହୋଇଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ମଧ୍ୟରୁ ୬ ଜଣ ମହିଳାଙ୍କ ନାମରେ ରହିଥିବା ଜଣାପଡିଛି ।

# ଥୁଆମୁଳ ରାମପୁର ବ୍ଲକ: ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କଲେ ଅଞ୍ଚଳର ବିକାଶ ସମ୍ଭବ



ଥୁଆମୁଳ ରାମପୁର,୩୦।୫ (ଆନିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ବିଭିନ୍ନ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଉଛି ସତ। କିନ୍ତୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟବରଦା କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ଦିନରେ ମଧ୍ୟ ଅଧିକାଂଶ ଅଞ୍ଚଳର ଲୋକଙ୍କ ପାଇଁ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ନେଟୱର୍କ ଭଳି ବିଭିନ୍ନ ସୁବିଧା ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ। ଯାହାଫଳରେ ଦୁର୍ଗମ ଅଞ୍ଚଳର ବସବାସ କରିଥିବା ଲୋକେ ବିଭିନ୍ନ ସମୟରେ ଅନେକ ସମସ୍ୟା ମଧ୍ୟରେ କାଳାତିପାତ କରୁଥିବା ଜଣାପଡିଛି। ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ନାଁରେ ଅଳ୍ପ କାମ ବହୁତ ବିଲ ଉଠାଣ ଅଭିଯୋଗ ହେଉଛି। ସେହିଭଳି ପୋଲ ନିର୍ମାଣ ଅଧାରୁ ବନ୍ଦ, ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ଭୁଷୁଡି ପଡୁଛି, ଏଭଳି କାମ ଚାଲିଛି। ଏଥିରେ କିଛି ମୁଷ୍ଟିମେୟ ଲୋକେ ସାମିଲ ହୋଇ ଯୋଜନାକୁ ବାଟବଣା କରୁଥିବା ଅନୁମାନ କରାଯାଏ। ତେଣୁ କୁହାଯାଇଛି ଯେ, ଗରିବ ଯୋଜନା ମୁଷ୍ଟିମେୟ ଲୋକଙ୍କ ଲାଭ ହିଁ ଲାଭ। ହଁ ଆଜ୍ଞା ଏଠାରେ ଆମ୍ଭେ ଏକ ଉଦାହରଣ ସ୍ୱରୂପ ନେଇଛୁ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକରେ ବିଭିନ୍ନ ଯୋଜନା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତଥାପି ଅନେକ ସମସ୍ୟା ରହିଯାଇଛି ବର୍ଷ କୁ ବର୍ଷ ଅଜସ୍ର ଅର୍ଥ ଅନୁନ୍ନତ ଅଞ୍ଚଳ ଭାବରେ ଥୁଆମୁଳ ରାମପୁର ବ୍ଲକରେ କାର୍ଯ୍ୟକାରୀ ହେଉଛି ତଥାପି ଯୋଜନା ଅନୁପାତରେ ଅଞ୍ଚଳର ଉନ୍ନତି କ୍ଷେତ୍ରରେ କାହିଁକି ଆଗକୁ ଯାଇପାରୁନାହିଁ ବୋଲି ଆଲୋଚନା ଜୋର ଧରିଛି। ତେଣୁ ଅଞ୍ଚଳକୁ ବିକାଶ କରିବା ତେବେ ଅଞ୍ଚଳର ସମସ୍ତଙ୍କର ସହଯୋଗରେ ଅଞ୍ଚଳ ବିକାଶ ହୋଇପାରିବ ସରକାରଙ୍କ ଯୋଜନାକୁ ଯଦି ସଫଳତା କରିବାକୁ ଚାହିଁବା ତେବେ ସମସ୍ତଙ୍କ ଗୁରୁଦାୟିତ୍ୱ ରହିବା ଆବଶ୍ୟକତା। ଏହି ଅଞ୍ଚଳର ବିକାଶ କଥା ଯଦି ଚିନ୍ତା କରିବା ତେବେ ସ୍ଥାନୀୟ ଜନପ୍ରତିନିଧି ଏଦିଗରେ ଅଣ୍ଟାଭିଡିଲେ ହିଁ ଅଞ୍ଚଳ ବିକାଶ କ୍ଷେତ୍ରରେ ଆଗେଇବ ବୋଲି ଅଞ୍ଚଳର କିଛି ଚିନ୍ତାଶୀଳ ବ୍ୟକ୍ତି ଆଲୋଚନା କରୁଥିବା ଜଣାପଡିଛି। ଯୋଜନା ଅନେକ ସମସ୍ୟା ବି ବହୁତ ଏଭଳି ଅଞ୍ଚଳ ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ। ଅତୀତରେ ଏହି ବ୍ଲକ ଏକ ଅନୁନ୍ନତ ଅଞ୍ଚଳ ଭାବରେ ବିଖ୍ୟାତ ରହିଥିଲା ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମାଳମାଳ ଯୋଜନା ନାଁରେ କୋଟି କୋଟି ଟଙ୍କାର ଯୋଜନା ଯୋଗାଇ ଦିଆଯାଉଛି ହେଲେ ତାହା ମଧ୍ୟ ବାଟବଣା ହେଉଥିବା ଦେଖାଦେଇଛି। ବିଶେଷ କରି ଥୁଆମୁଳ ରାମପୁର ବ୍ଲକରେ କୋଟି କୋଟି ଟଙ୍କାର ଯୋଜନା। କାର୍ଯ୍ୟକରୀ ହେଉଥିବା ବେଳେ ମୁଷ୍ଟିମେୟ ଲୋକଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଅଞ୍ଚଳର ବିକାଶ କ୍ଷେତ୍ରରେ ବାଧାସୃଷ୍ଟି ହେଉଥିବା ଜଣାଯାଏ। ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳତା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଭୂମିକା ଅଧିକ ରହିବା ଆବଶ୍ୟକ ରହିଛି। ତେବେ ଯାଇ ଅଞ୍ଚଳର ବିକାଶ ସମ୍ଭବ ହୋଇପାରିବ ବୋଲି ଚର୍ଚ୍ଚା ଜୋରଧରିଛି। ଏହାକୁ ଦୃଷ୍ଟିରେ ରଖି ଜନସଚେତନତା ସୃଷ୍ଟି ହେଲେ ହିଁ ଥୁଆମୁଳ ରାମପୁର ବ୍ଲକ ବିକାଶ କ୍ଷେତ୍ରରେ ଆହୁରି ଆଗକୁ ଯାଇପାରିବ ଏଥିରେ କୌଣସି ଲୋକଙ୍କର ଦ୍ୱିମତ ନାହିଁ ସେଥିପାଇଁ ଅଞ୍ଚଳର ବିକାଶ ପ୍ରତି ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି ସେଥିପାଇଁ ସମସ୍ତେ ଚାହିଁଲେ ହିଁ ଏହି ଅଞ୍ଚଳର ବିକାଶ କ୍ଷେତ୍ରରେ ଆହୁରି ଆଗକୁ ଆଗେଇ ଯିବାର ସମ୍ଭାବନା ବହୁତ ରହିଛି।

# ମିଡ଼ିଆକିଆ ପଂଚାୟତରେ ଘୂର୍ଣ୍ଣିଝଡ, ଗଛ ଉପୁଡ଼ି ରାସ୍ତା ଅବରୋଧ

ଫୁଲବାଣୀ, ୩୦।୫ (ଆନିସ): କାଲ ବୈଶାଖୀ ରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ମିଡି ଆକିଆ ରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି ମୁଖ୍ୟ ରାସ୍ତା କୁହାଯାଉଥିବା ବାରଖମା – ବାଲିଗୁଡ଼ା ଓ ମିଡି ଆକିଆ ଛକ ମୁଖ୍ୟ ରାସ୍ତା କଡ଼ରେ ବଡ ବଡ ଗଛ ଉପୁଡ଼ି ରାସ୍ତା ଉପରେ ପଡିବ ସହ ବିଦ୍ୟୁତ ଖୁଣ୍ଟ ମୂଳରୁ ଉପୁଡ଼ିପଡ଼ିଥିଲ ଫଳରେ ତାର ସବୁ ଛିଣ୍ଡି ଯାଇଥିଲା କିଛି ଲୋକଂକ ଘର ଛପର ନଷ୍ଟ ହୋଇଥିବା ଶୁଣିବାକୁ ମିଳିଛି ଗଛ ପଡି ରାସ୍ତା ଅବରୋଧ ହେବାରୁ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହେବାରୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକ ମାନେ ମିଶି ରାସ୍ତାରୁ ଗଛ ହଟାଇବା ସହ ଏଣେ ତେଣେ ବିଛାଇ ହୋଇ ପଡିଥିବା ବିଦ୍ୟୁତ୍ ତାର କୁ ଟେକି ରଖି ସୁ ଗମନା ଗମନ ର ବ୍ୟବସ୍ଥା କରି ଥିଲେ ଫଳରେ ସ୍ୱାଭାବିକ ଭାବେ ଗାଡି ମୋଟର ଚଳାଚଳ କରିଥିଲା ବିଦ୍ୟୁତ୍ ତାର ଛିଡି ଯିବା ଫଳରେ ଗାଁ ଅନ୍ଧାର ହୋଇଯାଇଛି ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ତୁରନ୍ତ ଘଟଣା ସ୍ଥଳ ରେ ପହଞ୍ଚି ନୂତନ ଖୁଣ୍ଟ ପୋତି ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି ଗ୍ରାମ ର ଯୁବକ ମାନେ ସ୍ବତଃ ପ୍ରବୃତ୍ତ ଭାବେ ରାସ୍ତାରୁ ଗଛ କାଟି ସଫା କରି ଥିବରୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି ।

# ମନରେଗା କାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ




ଫୁଲବାଣୀ, ୩୦।୫ (ଆନିସ): ମ ନରେଗା ଯୋଜନାରେ ଗ୍ରାମର ମେଟ ଜରିଆରେ ଜବ କାର୍ଡ ଧାରୀ ଶ୍ରମିକ ମାନଙ୍କୁ କାମ ଧନ୍ଦା ଯୋଗାଇ ଦେବା ନିୟମ ଥିଲେ ମଧ କେତେକ ଅଞ୍ଚଳରେ ଏହାର ଉଲଘଂନ କରାଯାଉଥିବା ଅଭିଯୋଗ ହେଉଛି କେତେକ ସ୍ଥାନରେ ଠିକାଦାର ଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଉଥିବା ରୁ କାମ କୁଆଡ଼େ ଏତେଟା ଭଲ ହେଉନଥିବା ଅଭିଯୋଗ ହେଉଛି ଜିଲାର ଚକାପାଦ ବ୍ଲକ ଆରବକା ପଂଚାୟତ ରେ ମ ନରେଗା ଯୋଜନା ରେ ନିର୍ମିତଏକ ଡ୍ରେନ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ଏହି ପଂଚାୟତ ରେ ୨୦୨୫–୨ ୬ମସିହା ରେ ୭ଲକ୍ଷ ୨୦ହଜାର ଟଂକା ବ୍ୟୟ ରେ ଏକ ଡ୍ରେନ ନିର୍ମାଣ କାର୍ଯ୍ୟ ରେ ଅନିୟମିତତା ଅଭିଯୋଗ ହେଉଛି କାର୍ଯ୍ୟ ସରିଯାଇଥିବା କୁହାଯାଉଥିବା ବେଳେ ଉକ୍ତ ସ୍ଥାନ ରେ ଥିବା ଡିସ ପ୍ଲେ ବୋର୍ଡ ରେ କାର୍ଯ୍ୟ ଆରମ୍ଭ ଓ ଶେଷ ନେଇ କିଛି ଲେଖା ହୋଇନି ସେହିପରି ଶ୍ରମିକ ଅଂଶ ବାବଦ ଅର୍ଥ ୧ଲକ୍ଷ ୫୯ହଜାର ୮୯୩ଟଂକା ୮୩ପଇସା ଦର୍ଶାଯାଇଥିବା ବେଳେ ସାମଗ୍ରୀ ଅଂଶ ବାବଦ ଅର୍ଥ ଲେଖା ହୋଇନି ଯାହା ଗ୍ରାମବାସୀ ଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି ପଂଚାୟତ ଦାୟିତ୍ୱ ରେ ଥିବା ପଂଚାୟତ ନିର୍ବାହୀ ଅଧିକାରୀ ଓ ଏ ଡିଓ ମିଶି କୁଆଡେ ମନ ଇଚ୍ଛା କାମ କରୁଥିବା ଅଭିଯୋଗ ହେଉଛି ଏହି ପଂଚାୟତ ରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ର ଉଚ୍ଚ ସ୍ତରୀୟ ତଦନ୍ତ କରି ଏଥି ରେ ସଂପୃକ୍ତ ଥିବା କର୍ମଚାରୀ ଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ହେଉଛି ଏ ସଂପର୍କରେ ପି ଇ ଓ କଣ କହୁଛନ୍ତି ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇନଥିଲା

# ରବିଚାଷ ଧାନ ସଂଗ୍ରହ ପାଇଁ ଖୋଲିଲା ରବି ଧାନ ମଣ୍ଡି

ବାରିପଦା/ଝାରପୋଖରିଆ,୩୦।୫ (ଆନିସ): ଓଡ଼ିଶା ସରକାରଙ୍କ ପକ୍ଷରୁ ରବିଚାଷ ଧାନ ସଂଗ୍ରହ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅଧିନସ୍ଥ ଶୀର୍ଷା ଲ୍ୟାମ୍ପ୍ସ ପକ୍ଷରୁ ଧାଙ୍ଗୁଡ଼ିଶୋଳ ବଜାର ନିୟନ୍ତ୍ରିତ ସମିତି ହାଟ ପଡ଼ିଆ ଠାରେ ଥିବା ଧାନମଣ୍ଡି ରେ ଚାଷୀଙ୍କ ଠାରୁ ପ୍ରଥମ ପର୍ଯ୍ୟାୟ ଧାନ ସଂଗ୍ରହ ନିମନ୍ତେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଶିର୍ଷା ଲ୍ୟାମ୍ପସ୍ ର ଶାଖା ପରିଚାଳକ ସ୍ବରୁପ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ମଣ୍ଡି ଉଦ୍ଘଟନୀ ଦିବସରେ ଲ୍ୟାମ୍ପସ୍ ପରିଚାଳନା କମିଟିର



ସଭାପତି ନାରାୟଣ ନାଏକ ଫିତା କାଟି ଶୁଭ ଉଦ୍ଘାଟନ କରିଥିଲେ । ଝାରପୋଖରିଆ ଓ ଶିର୍ଷା ପଞ୍ଚାୟତକୁ ନେଇ ଗଠିତ ନୂତନ ଶିର୍ଷା ଲ୍ୟାମ୍ପ୍ସ ଅଧୀନରେ ଚଳିତ ୨୦୨୬ ଆର୍ଥିକ ବର୍ଷରେ ରବି ଧାନ ବିକ୍ରୟ ନିମନ୍ତେ ୭୯ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଗତକାଲି ତା ୨୯/୫/ ୨୦୨୬ ରିଖ ଶୁକ୍ରବାର ଦିନ ହୋଇଥିବା ମଣ୍ଡି ଉଦ୍ଘାଟନୀ ଦିବସର ପ୍ରଥମ ଦିନରେ ଲ୍ୟାମ୍ପସ୍ ମୋଟ ୧୫ ଜଣ ଚାଷୀଙ୍କ ଠାରୁ ସର୍ବମୋଟ ୬୮୧ କୁଇଣ୍ଟାଲ ୫୦ କି.ଗ୍ରା. ଧାନ ସଂଗ୍ରହ କରାଯାଇଥିଲା । ତେବେ ସରକାରଙ୍କ ପକ୍ଷରୁ ଚଳିତ ରବିଚାଷ ନିମନ୍ତେ ଉକ୍ତ ଲ୍ୟାମ୍ପ୍ସ କୁ ମୋଟ ୪୧ ଶହ କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିବା ଲ୍ୟାମ୍ପ୍ସ କାର୍ଯ୍ୟାଳୟ ପକ୍ଷରୁ ଜଣା ପଡିଛି । ଉକ୍ତ ରବି ଧାନ ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ବାରିପଦା ଏ. ଆର. ସି. ଏସ୍. ର ଇନସପେକ୍ଟର କାରୁ ମାରାଣ୍ଡି,ମଣ୍ଡି ନୋଡ଼ାଲ ଅଫିସର ହରିପଦ ନାଏକ,ବାରିପଦା ବଜାର ନିୟନ୍ତ୍ରିତ୍ କମିଟିର ସନ୍ତୋଷ କୁମାର ମହାନ୍ତ ଏବଂ ଶିର୍ଷା ସରପଞ୍ଚ ଭାନୁ ଚରଣ ମୁଣ୍ଡାଙ୍କ ସହିତ ଶିର୍ଷା ଲ୍ୟାମ୍ପ୍ସ ର ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ ।

# ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଫୁଲବାଣୀର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

ଫୁଲବାଣୀ,୩୦।୫ (ଆନିସ): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସ୍ଥିତ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ୨୦୨୫–୨୬ ଶିକ୍ଷା ବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଶେଷ ସେମିଷ୍ଟାର ପରୀକ୍ଷା ଫଳ ଗତ କାଲି ମହାବିଦ୍ୟାଳୟ ପରୀକ୍ଷା ବିଭାଗ ଠାରେ ପ୍ରକାଶ ପାଇଥିଲା ସ୍ନାତକ କଳା ବିଭାଗରେ ୮୬. ୮୮ପ୍ରତିଶତ,ବିଜ୍ଞାନ ବିଭାଗ ରେ ୮୬. ୦୯ ପ୍ରତିଶତ, ବାଣିଜ୍ୟ ବିଭାଗ ରେ ୬୭. ୬୪ ପ୍ରତିଶତ ଏବଂ ସେଲ୍ଫ ଫାଇନାସିଙ୍ଗ ବିସିଏ ବିଭାଗ ରେ ୯୬. ୩୦ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି ମୋଟ ୮୫ ପ୍ରତିଶତ ଛାତ୍ର ଛାତ୍ରୀ ସ୍ନାତକ ପାଠ୍ୟକ୍ରମ ରେ ଉତୀର୍ଣ୍ଣ ହୋଇଛନ୍ତି କଳା ବିଭାଗରେ ରାଜନୀତି ବିଜ୍ଞାନରେ ଛାତ୍ରୀ ମନୀଷା ସାହୁ ୮. ୭୬ ସିଜି ପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି ସେହିପରି ବିଜ୍ଞାନ ବିଭାଗ ର ଜିବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି ବାଣିଜ୍ୟ ବିଭାଗରେ ଶୁଭ୍ରାଂଶୁ ଶେଖର ସାହୁ ୮. ୭୧ସିଜି ପିଏ ରଖି ଏବଂ ବିସିଏ ବିଭାଗରେ ରଞ୍ଜନା ପ୍ରଧାନ ୮.୯୬ ସିଜି ପି ଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି ଜିବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଚଳିତ ବର୍ଷର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ।

ସେହିପରି ସ୍ନାତକୋତ୍ତର କଳା ବିଭାଗରେ ୯୩.୨୪ ପ୍ରତିଶତ, ବିଜ୍ଞାନ ବିଭାଗ ରେ ୯୧. ୯୬ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଶତ ପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି ସର୍ବ ମୋଟ ୯୩ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି କଳା ବିଭାଗ ରେ ନୃତତ୍ତ୍ୱ ବିଭାଗ ରେ ମଧୁସ୍ମିତା ବେହେରା ୯.୧୧ ସିଜି ପି ଏ, ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖିଥିବା ବେଳେ ବାଣିଜ୍ୟ ବିଭାଗ ରେ ଚନ୍ଦନ କୁମାର ପୃଷ୍ଟି ୯. ୦୫ ସିଜିପି ଏ ରଖି ଶ୍ରେଷ୍ଠ ସ୍ନାତକୋତ୍ତର ହୋଇଛନ୍ତି ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖି ଚଳିତ ବର୍ଷ ପାଇଁ ମହାବିଦ୍ୟାଳୟ ର ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରୀ ବିବେଚିତ ହୋଇଛନ୍ତି ଭାରପ୍ରାପ୍ତ ଅଧକ୍ଷ ଡ଼ଃ ଏନ ତନ୍ମୟ କୁମାରଙ୍କ ଅଧକ୍ଷତା ରେ ପରୀକ୍ଷା ନିୟନ୍ତ୍ରକ ଡ଼ଃ ପ୍ରିୟବ୍ରତ ପଟ୍ଟନାୟକ ଏବଂ ପରୀକ୍ଷା କମିଟି ସଭ୍ୟ ମୁରଲୀ ଧର ସେଠୀ ଏବଂ ସୁକାନ୍ତ କୁମାର ବେହେରା ଙ୍କ ଉପସ୍ଥିତିରେ ଉକ୍ତ ଫଳାଫଳ ଘୋଷଣା କରାଗଲା । ମହାବିଦ୍ୟାଳୟ ର ଅଧକ୍ଷ ଡ଼ଃ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ସମସ୍ତ କର୍ମଚାରୀ ଉତୀର୍ଣ୍ଣ ଶୁଭେଚ୍ଛା ଜଣାଇବା ସହ ଛାତ୍ର ଛାତ୍ରୀଙ୍କ ଉନ୍ନତି ଓ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଫୁଲବାଣୀ ମ୍ୟୁନିସିପାଲଟିର ୯ ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା

## ବୁଝିବାକୁ କିଏ ନାହିଁ

ଫୁଲବାଣୀ,୩୦।୫ (ଆନିସ): ଏବେ ପ୍ରବଳ ଗରମ ସାଂଗକୁ ଗୁଲୁଗୁଳି ଅନୁଭୁତ ହେଉଥିବା ବେଳେ ତା ସାଙ୍ଗକୁ ଘନ ଘନ ବିଦ୍ୟୁତ୍ କାଟ ଫଳରେ ଲୋକେ ଅତିଷ୍ଠ ହୋଇ ପଡିଥିବା ବେଳେ ଏବେ ପାନୀୟ ଜଳ ସମସ୍ୟା ଫଳରେ ଉତ୍ୟକ୍ତ ଲୋକେଶେଷରେ ଗରା, ବାଲଟି, ମାଠିଆ ଧରି ରଜ ରାସ୍ତା କୁ ଓହ୍ଲାଇ ଲେ ଫଳରେ ୫୭ନମ୍ବର ରାଜପଥ ଫୁଲବାଣୀ – ଭୁବନେଶ୍ୱର ଗାଡି ମୋଟର ଚଳାଚଳ କିଛି ସମୟ ବନ୍ଦ ରହିଥିଲା ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ଫୁଲବାଣୀ ସହର ର ୯ନମ୍ବର୍ ୱାର୍ଡ ରେ ଖବର ପାଇ ଟାଉନ ଥାନା ପୋଲିସ ଓ ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା ତେବେ ସେମାନଙ୍କ କହିବା କଥା ହେଲା ବର୍ଷେ କି ଦୁଇ ବର୍ଷ ନୁହେଁ ଗଲା ଦଶ ବର୍ଷ ହେଲା ସେହି ଅଞ୍ଚଳ ରେ ପାନୀୟ ଜଳ ସମସ୍ୟା ରହିଛି ନଳକୂପ ଅଛି ହେଲେ ମଇଳା ପାଣି ବାହାରୁଛି ଯାହା ପିଇବା ପାଣି ଉପଯୋଗୀ ନୁହେଁ ପୂର୍ବରୁ ଖରାଦିନେ ଟ୍ୟାଙ୍କର ଯୋଗେ ଦିନକୁ ଦୁଇ ଥର ପାଣି ଯୋଗାଇଦିଆଯାଉଥିଲା ଏବେ ପାଣି ଦିଆଯାଉନି ପାଇପ ରେ ପାଣି ଆସୁନି ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ପି ଏଚ ଇ ଡି ଓ ମ୍ୟୁନିସିପାଲଟି କୁ ବାରମ୍ବାର ଜଣାଇଥିଲେ ବି କୌଣସି ସୁଫଳ ମିଳିନଥିଲା ତେବେ ସଂପୃକ୍ତ ଅଞ୍ଚଳ କୁଅତି ଶିଘ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

## ନାବାଳିକା ନିଖୋଜ ମାମଲାକୁ ନେଇ ଗଣ୍ଡଗୋଳ

# ଅଭିଯୋଗକାରୀଙ୍କ ମୁଣ୍ଡ ଫାଟିଲା, ଅଭିଯୁକ୍ତ ଗିରଫ

ଓଡ଼ଗାଁ ୩୦।୫ (ଆନିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ନନ୍ଦିଘୋର ପଞ୍ଚାୟତ ଯାତ୍ରାବର ପାଟଣାରେ ଜଣେ ନାବାଳିକା ଅପହରଣ ମାମଲାକୁ କେନ୍ଦ୍ରକରି ୨ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଅଭିଯୋଗକାରୀ ଭାସ୍କର ବାରିକଙ୍କ ସ୍ତ୍ରୀ ସୁଶାନ୍ତି ବାରିକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୟାଗଡ଼ ଜିଲ୍ଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଅନ୍ୟ ପକ୍ଷରେ ଓଡ଼ଗାଁ ପୋଲିସ ଅଭିଯୋଗ ପାଇବା ପରେ ୧୪୧/୨୦୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲେ। ଘଟଣାର ଅଭିଯୁକ୍ତ ସେହି ଗ୍ରାମର ରମେଶ ବାରିକକୁ ଓଡ଼ଗାଁ ପୋଲିସ ଗିରଫ ତା ଠାରୁ ଏକ ଟାଙ୍ଗିଆ ଜବତ କରି ଶନିବାର କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ଅନ୍ୟ ଅଭିଯୁକ୍ତ ଜଣକ ତଥା ରମେଶର ଭାଇ ଚକର ବାରିକ ଫେରାର ଅଛି।ସୂଚନା ଥାଉକି ନାବାଳିକା ଅପହରଣ ପଛରେ ଯାହାର ହାତ ଅଛି ବୋଲି ସନ୍ଦେହ କରାଯାଉଛି ତାର ବାପା ଅଭିଯୋଗକାରିଣୀ ସୁଶାନ୍ତି ବାରିକଙ୍କ ଧର୍ମ ଭାଇ। ହେଲେ ଅଭିଯୋଗକାରିଣୀ ଅପହରଣକାରୀ ଯୁବକଙ୍କ ପିଇସି ନାନି ହେବେ। ନାବାଳିକା ଅପହରଣ ଯୋଗୁଁ ଅଭିଯୁକ୍ତ ରମେଶ ବାରିକ ଏବଂ ତାଙ୍କ ବଡ଼ଭାଇ ଚକର ବାରିକ ଏବଂ ସୁଶାନ୍ତିକୁ ପଚରା ଉଚରା କଲାପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା। ରମେଶ ବାରିକ ଏକ ଟାଙ୍ଗିଆରେ ସୁଶାନ୍ତୀଙ୍କ ମଣ୍ଡରେ ଆଘାତ କରିଥିଲେ।

# ଅଲାରନାଥ ମନ୍ଦିରରେ ଅଣବସର ସମୟରେ ଭକ୍ତଙ୍କ ସୁରକ୍ଷା, ଦର୍ଶନ ଓ ଟ୍ରାଫିକ୍ ପରିଚାଳନା ସମ୍ପର୍କରେ ପୁରୀ ଏସ୍‌ପିଙ୍କ ସମୀକ୍ଷା



ପୁରୀ, ୩୦।୫(ଆନିସ): ଆଗାମୀ ଦେବସ୍ନାନ ପୂର୍ଣ୍ଣିମା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଣବସର ଦିନରେ ଅଲାରନାଥ ମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁବିଧା, ସୁରକ୍ଷା ଏବଂ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଜି ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥ ମନ୍ଦିର ପରିଦର୍ଶନ କରିଥିଲେ। ପରିଦର୍ଶନ ଅବସରରେ ଏସ୍ପି ପୁରୀ ମନ୍ଦିର ପରିସର, ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥ, ଗାଡ଼ି ପାର୍କିଂ ସ୍ଥାନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗର ସମୀକ୍ଷା କରିଥିଲେ। ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେ ଅନବସର ସମୟରେ ହେଉଥିବା ବ୍ୟାପକ ଭିଡ଼ ଓ ଭକ୍ତମାନଙ୍କ ଆଗମନ ସମ୍ପର୍କରେ ବିସ୍ତୃତ ତଥ୍ୟ ଗ୍ରହଣ କରିଥିଲେ। ଆଲୋଚନା ବେଳେ ଭକ୍ତମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ଦର୍ଶନ ପାଇଁ ସୁବ୍ୟବସ୍ଥିତ ଧାଡ଼ି ବ୍ୟବସ୍ଥା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା, ଜରୁରୀକାଳୀନ ସେବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହା ସହିତ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ଯାନବାହନ ଚଳାଚଳକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ପରିଚାଳନା, ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ, ଯାନବାହନ ପାଇଁ ବିକଳ୍ପ ରୁଟ୍ ବ୍ୟବସ୍ଥା ଏବଂ ପଥଚାରୀ ଭକ୍ତମାନଙ୍କ ସୁରକ୍ଷା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା। ଅଣବସର ସମୟରେ ଅଧିକ ସଂଖ୍ୟାରେ ଆସୁଥିବା ଭକ୍ତମାନଙ୍କୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଉପଯୁକ୍ତ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।ଏସ୍ପି ପୁରୀ ମନ୍ଦିରରେ ଚାଲିଥିବା ନୀତିକାନ୍ତି ସମୟରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ଏବଂ ଭକ୍ତମାନେ ସୁଚାରୁ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ୍, ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ଼ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଭିଡ଼ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରି ଆବଶ୍ୟକ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ସମୀକ୍ଷାରେ ସଦର ଡ଼ିଏସପି ଶ୍ରୀ ମାନସ ରଞ୍ଜନ ବାରିକ, ବ୍ରହ୍ମଗିରି ତହସିଲଦାର, ବ୍ରହ୍ମଗିରି ବିଡ଼ିଓ, ବ୍ରହ୍ମଗିରି ଥାନା ଅଧିକାରୀ ଶ୍ରୀ ବାମଦେବ ସ୍ୱାଇଁ ଏବଂ ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କ ସହିତ ଆଲୋଚନା କରି ଆଗାମୀ ଅଣବସର ଯାତ୍ରା ସମୟରେ ଭକ୍ତମାନଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସୁଗମ ଦର୍ଶନ ସୁବିଧା ପ୍ରଦାନ କରିବା ଦିଗରେ ସମସ୍ତ ପ୍ରକାର ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ଏସ୍ପି ପୁରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ନିଷ୍ଠା ପରିବାର ତରଫରୁ ଅଜଣା ଶବ ସତ୍କାର



ବରଗଡ, ୩୦।୫ (ଆନିସ): ସୋମ ବାର ଦିନ ସକାଳ ୭.୩୦ସମୟ ରେ ବରଗଡ଼ ସ୍ଥିତ ବ୍ରଂଭଚାରି ର ଏକ ପୋଖରୀ ରେ ଗୋଟିଏ ଯୁବକ ବୟସ ପାଖାପାଖି ୩୫ ରୁ ୪୦ବର୍ଷ ହେବ ଏକ ଗଳିତ ମୃତଦେହ ଥିବା ଖବର ପାଇଥିଲେ ବରଗଡ଼ ଟାଉନ ଥାନା ପୋଲିସ। ଟାଉନ ଥାନା ପୋଲିସ ଦ୍ୱାରା ଶବ କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରିବା ପରେ ବରଗଡ଼ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଶବ ସଂରକ୍ଷଣ ଗୃହ ରେ ରଖାଯାଇଥିଲା। ପୋଲିସ ର ବହୁ ଚେଷ୍ଟା ପରେ ବି ତାଙ୍କ ର କୌଣସି ପରିଚୟ ନ ମିଳିବାରୁ ଟାଉନ ଥାନା ବରଗଡ଼ ନିଷ୍ଠା ପରିବାର କୁ ଶବ ସତ୍କାର ପାଇଁ ଏକ ଲିଖିତ ଅନୁମତି ପତ୍ର ପ୍ରଦାନ ପରେ ନିଷ୍ଠା ପରିବାର ତରଫ ରୁ ସସମ୍ମାନେ ଅଜଣା ଯୁବକ ଙ୍କ ଶବ ସତ୍କାର କରାଯାଇଥିଲା।ଏହି ମହତ କାର୍ଯ୍ୟ ରେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ବରଗଡ଼ ର ଡେପୁଟୀ କଲେକ୍ଟର ତଶକ ରାଜ ଭିତ୍ରିଆ,ଟାଉନ ଥାନା ଏ .ଏସ .ଆଇ ଚିନ୍ମୟ ରାଉଳ, ମହିଳା କନେଷ୍ଟେବଳ କୁମୋଦିନୀ ଦାଶ ଉପସ୍ଥିତ ଥିଲେ।ନିଷ୍ଠା ପରିବାର ର ସଂଯୋଜକ ମାନସ ମେହେର ଓ ଶୁଭ୍ରାଂଶୁ ସରାଫ ଶବ ସତ୍କାର କରିଥଲେ। ଆସନ୍ତୁ ମିଳିମିଶି ଅସହାୟ ଙ୍କ ସହଯୋଗ କରିବା ଓ ସହାୟତା ର ହାତ ବଢ଼ାଇବା।

# ଯୋଗାଣ ମନ୍ତ୍ରୀଙ୍କ ଅଚାନକ ବିଞ୍ଝାରପୁର ଗସ୍ତ

ବିଞ୍ଝାରପୁର,୩୦।୫(ଆନିସ ): ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର



ଶନିବାର ଅପରାହ୍ନରେ ଅଚାନକ ବିଞ୍ଝାରପୁର ବ୍ଲକ ଗସ୍ତରେ ଆସି ଫତେପୁରସ୍ଥିତ ବରୁଣେଇ ପ୍ରାଥମିକ କୃଷି ସମବାୟ ସମିତିରେ ପହଞ୍ଚି ଚାଷୀ ସମାସ୍ୟା,ରବି ଋତୁରେ ଧାନ କିଣା ସମ୍ପର୍କରେ ସମୀକ୍ଷା କରିବା ସହିତ ସମ୍ପାଦକ ମାନସରଞ୍ଜନ କବିଙ୍କ ଠାରୁ ସମିତିର ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଏହି ସମିତିରେ ଗୋଦାମ ଗୃହ,ଚାଷୀଙ୍କ ପାଇଁ ବିଶ୍ରାମ ଗୃହ ନ ଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ଭିତ୍ତିଭୂମିର ବିକାଶ ପାଇଁ ବିଭାଗିୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ରଞ୍ଜନ କୁମାର ଦେହୁରୀ,ବିଡିଓ ଆକାଶ ପଟ୍ଟନାୟକ,ଭାଜପା ସଭାନେତ୍ରୀ ବବିତା ମଲ୍ଲିକ, ଜ୍ୟୋତି ପ୍ରକାଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ହତ୍ୟାକାଣ୍ଡର ଶିକାର ମହିଳାଙ୍କର ଶବସଂସ୍କାର କଲେ ଟିମ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ଼:୩୦/୦୫(ଆନିସ): ଟାଉନ ଥାନା ଅନ୍ତର୍ଗତ ମୁଣ୍ଡାପଡା ଠାରେ ଦୁଇଦିନ ଆଗରୁ ଘଟି ଯାଇଥିବା ଲୋମହର୍ଷକ ହତ୍ୟାକାଣ୍ଡ ର ଶିକାର କ୍ରିଷ୍ଣା ଖଡିଆ(୩୪)ର ଶୁକ୍ରବାର ସୁନ୍ଦରଗଡ ସ୍ବର୍ଗଦ୍ବାର ଠାରେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ସମ୍ମାନର ସହିତ ଶୃଙ୍ଖଳିତ ସମ୍ପନ୍ନ କରି ମାନବିକତାକୁ ଉଜ୍ଜିବିତ କରିଛନ୍ତି। ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ଠାରେ ମୃତ କ୍ରିଷ୍ଣାଙ୍କ ବାପା ଧନୁର୍ଜୟ ନାଏକଙ୍କ ଉପସ୍ଥିତିରେ ଶବ ପଞ୍ଚନାମା ସହିତ ଶବ ବ୍ୟବଚ୍ଛେଦ



କରାଯାଇଥିଲା, କିନ୍ତୁ ପରିବାର ସଦସ୍ୟଙ୍କ ବିନା ସହମତିରେ କ୍ରିଷ୍ଣା ପିଙ୍କୁଙ୍କ ହାତ ଧରିଥିବାରୁ ପରିବାର ସହିତ ମତ ଭେଦ ଥିଲା। ଏପଟେ ଯାହାର ହାତ ଧରିଥିଲା ସେ ଜେଲ ହାଜତରେ ଓ ବାପ ଘରେ କୌଣସି କାରଣରୁ ଶବସଂସ୍କାର ନିମନ୍ତେ ଅସହାୟତା ପ୍ରକାଶ କରିବାରୁ ସଦର ଏସଡିପିଓ ନିର୍ମଳ ମହାପାତ୍ର ଓ ଟାଉନ ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କ ସହଯୋଗ ଲୋଡି ଥିଲେ । ଶୁକ୍ରବାର ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ସୁନ୍ଦରଗଡ ସ୍ବର୍ଗଦ୍ବାରକୁ ଶବ ନେବା ସହିତ ସମ୍ମାନର ସହିତ ଶେଷକୃତ ସମ୍ପନ୍ନ କରିଥିଲେ । ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଅଧିକାରୀ ଶୁଶାନ୍ତ ପରିଡା, ସବଇନ୍ସପେକ୍ଟର ପ୍ରତାପ କାଲୋ ପ୍ରମୁଖ ସ୍ବର୍ଗଦ୍ବାର ଠାରେ ଉପସ୍ଥିତ ରହି ମୃତକଙ୍କ ପ୍ରତି ଶେଷ ସମ୍ମାନ ଜଣାଇବା ସହିତ ଟିମ ଶ୍ମଶାନ ବନ୍ଧୁର ଉଦ୍ୟମକୁ ପ୍ରଶଂସା କରିଥିଲେ।ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଟିଣ୍ଟୁ ଟକ୍କା ଓ ଦେବେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ କାଠ ଘିଅ କର୍ପୁର ଆଦି ଯୋଗାଇ ଦିଆଯାଇଥିଲା ।

# ମାଲକାନଗିରିରେ ଶିକ୍ଷା ବିଭାଗର ସମୀକ୍ଷା ବୈଠକ

## କାର୍ଯ୍ୟରେ ଅବହେଳା ପାଇଁ ବିଇଓଙ୍କୁ କାରଣ ଦର୍ଶାଅ ନୋଟିସ, ସଫଳତା ପାଇଁ ପ୍ରଶଂସ

ମାଲକାନଗିରି, ୩୦।୫ (ଆନିସ): ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଧାର ଓ ବ୍ୟାପକ ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ସମେତ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ପ୍ରମୁଖ



କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ, ସରକାରୀ ଯୋଜନା ଓ ଏହାର ପ୍ରଗତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ସରକାରୀ ଅନୁଦାନ ଏବଂ ସେବାଗୁଡ଼ିକ କିପରି ସଠିକ୍ ଭାବେ ଏବଂ ସ୍ୱଚ୍ଛତାର ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ବୈଠକରେ ବିସ୍ତୃତ ରୋଡମାପ ପ୍ରସ୍ତୁତ କରାଯାଇଛି।

ଏହି ଅବସରରେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ଜିଲ୍ଲାପାଳ କଡ଼ା ଚେତାବନୀ ଦେବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅପାର୍ ଆଇଡି ଜେନେରେସନ, ପ୍ରବନ୍ଧ ପୋର୍ଟାଲରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ତଥ୍ୟ ଅପଡେଟ୍ କରିବା ଏବଂ ୟୁ-ଡାଇସ୍ ପୋର୍ଟାଲ ପାଇଁ ଡାଟା ସଂଗ୍ରହ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଏହି ନୋଟିସ ଦିଆଯାଇଛି। ଏହା ସହିତ ସମସ୍ତ ସ୍କୁଲରେ ବିଦ୍ୟୁତ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ତୁରନ୍ତ ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପର ପକ୍ଷରେ, ଉଲ୍ଲେଖନୀୟ ଓ ପ୍ରଶଂସନୀୟ କାର୍ଯ୍ୟ ପାଇଁ ବୈଠକରେ କେତେକ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି।

କାଲିମେଲା ବିଇଓ ଙ୍କୁ ୮ ଜଣ ଶିକ୍ଷକଙ୍କ ଅବସର ଗ୍ରହଣ ଦିନ ହିଁ ପେନସନ ମଞ୍ଜୁର କରିଥିବାରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ସେହିପରି ସମଗ୍ର ଶିକ୍ଷା ଅଭିଯାନର ଡିପିସି ଆକାଉଣ୍ଟସ ସେକ୍ସନ ଆବଣ୍ଟିତ ପାଣ୍ଠିର ୯୧.୩୬% ଅର୍ଥ ସଠିକ୍ ଭାବେ ବିନିଯୋଗ କରି ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେମାନଙ୍କୁ ମଧ୍ୟ ଜିଲ୍ଲାପାଳଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ଶିକ୍ଷା କ୍ଷେତ୍ରରେ କୌଣସି ପ୍ରକାରର ଶିଥିଳତା ବରଦାସ୍ତ କରାଯିବ ନାହିଁ ଏବଂ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର ମାନ ବାସ୍ତବରେ ବଦଳିବା ଦରକାର ବୋଲି ଜିଲ୍ଲାପାଳ କହିଛନ୍ତି।

# ରାୟଗଡ଼ା ସହରରେ ରାଷ୍ଟ୍ର ସେବିକା ସମିତିର ଭବ୍ୟ

## ପଥସଞ୍ଚଳନ ଅନୁଶାସନ, ଏକତା ଓ ନାରୀଶକ୍ତିର ପ୍ରଦର୍ଶନ

ରାୟଗଡ଼ା,୩୦।୫(ଆନିସ). ରାଷ୍ଟ୍ର ସେବିକା ସମିତି, ଓଡ଼ିଶା ପ୍ରାନ୍ତ ପକ୍ଷରୁ ଆୟୋଜିତ ପ୍ରବେଶ ଓ ପ୍ରବୋଧ ବିଶେଷ ବର୍ଗ-୨୦୨୬ ଅବସରରେ ଶୁକ୍ରବାର ରାୟଗଡ଼ା ସହରରେ ଏକ ଭବ୍ୟ ପଥସଞ୍ଚଳନ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ସେବିକା ଓ ଶିକ୍ଷାର୍ଥିନୀଙ୍କ ଅଂଶଗ୍ରହଣରେ ଆୟୋଜିତ ଏହି ସଞ୍ଚଳନ ସହରବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଚଳିତ ବର୍ଷ ରାୟଗଡ଼ାସ୍ଥିତ ଏମ୍ଆଇଟିଏସ୍ ପରିସରରେ ମେ ୧୬ ତାରିଖରୁ ଆରମ୍ଭ ହୋଇଥିବା ପ୍ରବେଶ ଓ ପ୍ରବୋଧ ବିଶେଷ ବର୍ଗ ଜୁନ୍ ୧ ତାରିଖରେ ସମାପ୍ତ ହେବ। ପନ୍ଦର ଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ଶିକ୍ଷାର୍ଥିନୀ ଆତ୍ମରକ୍ଷା କୌଶଳ, ବ୍ୟାୟାମ, ଘୋଷ ବାଦ୍ୟ, ଦଣ୍ଡ, ଜଷ୍ଟି ଓ ଯୁଦ୍ଧ କଳା ଭଳି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଶୁକ୍ରବାର ଗାନ୍ଧୀ ପାର୍କରୁ ଆରମ୍ଭ ହୋଇଥିବା



ପଥସଞ୍ଚଳନ ସହରର ମୁଖ୍ୟ ରାସ୍ତା ଦେଇ ହୋଟେଲ ରାଜ ଜଙ୍କସନ୍ ଠାରେ ସମାପ୍ତ ହୋଇଥିଲା। ଘୋଷ ବାଦ୍ୟର ତାଳେ ତାଳେ ଗଣବେଶ ପରିଧାନ କରିଥିବା ସେବିକା ଓ ଶିକ୍ଷାର୍ଥିନୀମାନେ ଶୃଙ୍ଖଳା, ଏକତା ଏବଂ ନାରୀଶକ୍ତିର ପ୍ରତୀକ ସ୍ୱରୂପ ସୁସଂଗଠିତ ଭାବେ ସଞ୍ଚଳନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ର ସେବିକା ସମିତିର ଅଖିଳ ଭାରତୀୟ ସହ-ସମ୍ପର୍କ ପ୍ରମୁଖ ନୀତା ଦେବୀ, କ୍ଷେତ୍ର ପ୍ରଚାରିକା ଲତିକା ପାଢ଼ୀ, ଓଡ଼ିଶା ପ୍ରାନ୍ତ କାର୍ଯ୍ୟବାହିକା ଆରତୀ ବୈଶାଖ, ସହ କାର୍ଯ୍ୟବାହିକା ବୈଜୟନ୍ତୀ ରଣା, ବର୍ଗାଧିକାରୀ ମାହେଶ୍ୱରୀ ନାୟକ ଓ ବର୍ଗ ପାଳକ ବିଦ୍ୟୁଲତା ହୁଇକାଙ୍କ ସମେତ ଅନେକ ପ୍ରାନ୍ତୀୟ ଅଧିକାରୀ ଉପସ୍ଥିତ ଥିଲେ। ପଥସଞ୍ଚଳନକୁ ସଫଳ ଓ ସୁଚାରୁ ଭାବେ ପରିଚାଳନା କରିବାରେ ରାୟଗଡ଼ା ଜିଲ୍ଲାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ ମଧ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଗଜପତି ବିଜେଡିକୁ ଶକ୍ତ ଝଟକା ଶଙ୍ଖ ଛାଡ଼ି ପଦ୍ମ ଧରିଲେ

## ଜିଲ୍ଲାପରିଷଦ ସଦସ୍ୟାଙ୍କ ସମେତ ଶତାଧିକ କର୍ମୀ

ପାରଳାଖେମୁଣ୍ଡି, ୩୦।୫ (ଆନିସ): ଆଗକୁ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଲେ ତା ପୂର୍ବରୁ ତୃଣମୂଳ ସ୍ତରରେ ଗଜପତି ବିଜେଡିକୁ ଏକ ବଡ଼ ଶକ୍ତି ଝ ଝଟକା ଲାଗିଛି। ଜିଲ୍ଲାର କାଶୀନଗର ବ୍ଲକ ସମେତ ଗୋଷାଣୀ ଓ ଗୁମ୍ମା ବ୍ଲକର ନ ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ଜିଲ୍ଲା ପରିଷଦ ଦ ସଦସ୍ୟା ଏବଂ ଶତାଧିକ କର୍ମୀ ବିଜ ଜନତା ଦଳ ଦଳ ବିଜେଡି ଛାଡ଼ି ବିଧିବଦ୍ଧ ବଦ୍ଧ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି) ରେ ଯୋଗ ଦେଇଛନ୍ତି। ଆଜି କାଶୀନଗର ଜୋନ୍? ନଂ ୧ର ଜିଲ୍ଲା ପରିଷଦ ପରିଷଦ ସଦସ୍ୟା ରକମ ରାଜଲକ୍ଷ୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ଗୋଷାଣ ବ୍ଲକ ଅନ୍ତର୍ଗତ ଲିଙ୍ଗପୁର ଗ୍ରାମ୍? ଠାରେ ଏକ ବିଶାଳ ଭାବେ ଆୟୋଜିତ ମିଶ୍ରଣ ପର୍ବରେ ସେ ତାଙ୍କ ସମର୍ଥକ ମାନଙ୍କୁ ନେଇ ପଦ୍ମ ଶିବିରରେ ଯୋଗ ଦେଇଥିବା ବେଳେ ବିଜେପିର ବରିଷ୍ଠ ନେତା ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟା ରାଜଲକ୍ଷ୍ମୀ କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ ତାଙ୍କୁ ଆକୃଷ୍ଟ କରିଛି, ତେଣୁ ସେ ବିଜେଡି ଛାଡ଼ି ବିଜେପି ରେ ଯୋଗ ଦେଲେ। ଆଗାମୀ ସମୟରେ ପ୍ରଧାନମନ୍ତ୍ରୀ ହାତକୁ ଦୃଢ କରିବା ସହ ଭାରତୀୟ ଜନତା ପାର୍ଟିର ବିକାଶର ଗାଥାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବେ ବୋଲି କହିଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମ ବେଳେ ଗଜପତି ଜିଲ୍ଲା ସଭାପତି ନବ କିଶୋର ଶବର, ରାଜ୍ୟ ପ୍ରମୁଖ ନେତା ଅମିୟ ମହାପାତ୍ର, ବିଜେପି ରାଜ୍ୟ ଉପ ସଭାପତି ଶ୍ରୀ କେ: ନାରାୟଣ ରାଓଙ୍କ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଯୁବ ନେତା ସାନପାଲା କିରଣ, ବରିଷ୍ଠ ନେତା ସି.ଏଚ.ସୀମାଦ୍ରୀ, ଯୁବ ନେତା କେ: ଜୀବନ ସହ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ର ସମସ୍ତ ମଣ୍ଡଳ ସଭାପତି ଓ ଯୁବ ସଭାପତି, ନଗର ସଭାପତି ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ଓଜନ ଓ ମାପ ବିଭାଗ ତରଫରୁ ମାଛ ବଜାରରେ ଚଢ଼ାଉ



ଉମରକୋଟ,୩୦।୫ (ଆନିସ): ଓଜନ ଓ ମାପ ବିଭାଗ ତରଫରୁ ଆଜି ଉମରକୋଟ ର ଡିଏନକେ ଦୈନିକ ବଜାର, ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଦୈନିକ ବଜାର ଓ ଗାନ୍ଧୀ ଛକ ଠାରେ ଥିବା ମାଛ ଓ ମାଂସ ବଜାରରେ ଚଢ଼ାଉ କରିଥିଲେ। ଯେଉଁ ମାଛ ଓ ମାଂସ ବ୍ୟବସାୟୀ ମାନଙ୍କ ଓଜନ ଓ ମାପର ନବିକରଣ କରା ଯାଇନାହି ଯାଞ୍ଚ କରାଯାଇ ସେମାନଙ୍କ ଠାରୁ ୧୦୦୦/ ଟଙ୍କା ଲେଖାଏଁ ଫାଇନ ଆଦାୟ କରାଯାଇଥିଲା। ଆଜିର ଏହି ଯାଞ୍ଚ ସମୟରେ ମୋଟ ୧୬ ଟି ମାଛ ବ୍ୟବସାୟୀ ଙ୍କୁ ଯାଞ୍ଚ କରାଯାଇ ମାଛ ବ୍ୟବସାୟୀ ଙ୍କ ଠାରୁ ୧୭୨୦୦/ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। କିଛି ମାଛ ବ୍ୟବସାୟୀ ଏଭଳି ଅକସ୍ମାତ ଯାଞ୍ଚ କୁ ଦେଖି ନାପସନ୍ଦ କରିଥିଲେ। ଆଗକୁ ଏଭଳି ଯାଞ୍ଚ ପ୍ରକ୍ରିୟା ଚାଲିବ ବୋଲି କହିଛନ୍ତି ଓଜନ ଓ ମାପ ଅଧିକାରୀ। ଆଜିର ଏହି ଚଢ଼ାଉରେ ଓଜନ ଓ ମାପ ଅଧିକାରୀ ପ୍ରୟାଗ ରଞ୍ଜନ ସାମଲ, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ସୁନିଲ ଜେନା, ପୋଲିସ ଏଏସଆଇ ହରିହର ଭତରା, ହାବିଲଦାର ଖଗପତି ବିଷୋୟୀ, ପୌର ପରିଷଦ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

# ମର୍ଣ୍ଣିଙ୍ଗ ଇଲେଭେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମୁନିଗୁଡ଼ା ଗୋବର୍ଦ୍ଧନ ଦଳ ଚାମ୍ପିୟନ

ମୁନିଗୁଡା,୩୦।୫(ଆନିସ): ଅମ୍ବାଦଳା ମର୍ଣ୍ଣିଙ୍ଗ ଇଲେଭେନ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍? ଉତ୍ସାହ ଓ ରୋମାଞ୍ଚ ମଧ୍ୟରେ ସମ୍ପନ୍ନ ହୋଇଛି। ଫାଇନାଲ ମୁକାବିଲାରେ ମୁନିଗୁଡ଼ା ଗୋବର୍ଧନ ଦଳ ୮୪ ରନ ସଂଗ୍ରହ କରିଥିବା ବେଳେ ନାଙ୍ଗଝେରି ଦଳ ୭୫ ରନରେ ସୀମିତ ରହିଥିଲା। ଫଳରେ ମୁନିଗୁଡ଼ା ଗୋବର୍ଧନ ଦଳ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ବିଜୟୀ ଦଳକୁ ୩୧ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍? ନାଙ୍ଗଝେରି ଦଳକୁ ୧୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଅଜିତ ଗାଣ୍ଡା ଙ୍କୁ ଏକ ସାଇକେଲ ସହ ଟ୍ରଫି ପ୍ରଦାନ କରାଯାଇଥିଲା।



ଫାଇନାଲ ଉତ୍ସବରେ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ଯୁବ ନେତା ଏ.ଜଗନ୍ନାଥ ପ୍ରସାଦ,ବୃନ୍ଦାବନ ମହାନ୍ତି, ସୁବାଷ ସେନାପତି, ସନ୍ତୋଷ ପାଳ, କେ. ସନ୍ତୋଷ କୁମାର, ସିକନ୍ଦର କୋଟା, ରଞ୍ଜନ ସ୍ୱାଇଁ ଓ ରଘୁନାଥ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥା ବେଳେ ଏ.ଜଗନ୍ନାଥ ପ୍ରସାଦ ମଞ୍ଚ ପରିଚାଳନା କରିଥିଲେ

ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ମର୍ଣ୍ଣିଙ୍ଗ ଇଲେଭେନ ଟିମ ର ରାଧେଶ୍ୟାମ ସାହୁ, ପୁରୁଷୋତ୍ତମ ବଞ୍ଛର, ଲୋକନାଥ ରଣା, ବିରାଟ ଭୋଇ, ଶିବଶଙ୍କର ଟାକ୍ରି, କେ. ବିନୀତ କୁମାର, ଭୋଳେଶ୍ୱର ଦଳେଇ, ସାଇ ଗୌଡ଼ ଓ ସୁଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏମ୍ପାୟାର ଭାବେ ଲୋକନାଥ ରଣା ଓ ଶିବଶଙ୍କର ରଣା ଦାୟିତ୍ୱ ତୁଲାଇଥିଲେ। ଖେଳକୁ ଦେଖିବା ପାଇଁ ବହୁ ସଂଖ୍ୟକ କ୍ରିକେଟପ୍ରେମୀ ଉପସ୍ଥିତ ରହିଥିଲେ ଏବଂ ଫାଇନାଲ ମ୍ୟାଚ୍?ଟି ଦର୍ଶକଙ୍କ ମନୋରଞ୍ଜନ କରିଥିଲା।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବିଏଡ୍ କର୍ମଶାଳା ଉଦଯାପିତ

ଜୟପୁର , ୩୦।୫ (ଆନିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପରିସରରେ ବାର ଦିନିଆ ବିଏଡ୍ କର୍ମଶାଳା ବିଶ୍ୱବିଦ୍ୟାଳୟର ଇଗ୍ନୁ ବିଏଡ୍ ସଂଯୋଜକ ତଥା ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଡ଼ ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ କର୍ମଶାଳାରେ ଯାହା ଶିଖିଲେ ସେଗୁଡିକ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ରହି ବାର ଦିନ ଧରି ଚାଲିଥିବା କର୍ମଶାଳାର ରୂପରେଖ ଓ ପ୍ରଶିକ୍ଷାର୍ଥୀମାନଙ୍କ ଅନୁଭୂତି ଶୁଣି ଖୁସି ବ୍ୟକ୍ତ କରିବା ସହ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ମିନି ଓଡିଶା ସହ ପଡୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଯୋଗ୍ୟ ପ୍ରତିନିଧି ଭାବରେ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଇଗ୍ନୁ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶିକା ଡଃ ଲତିକା ମିଶ୍ର କର୍ମଶାଳାର ସଫଳତା ସମ୍ବନ୍ଧରେ ସନ୍ତୋଷ ପ୍ରକାଶ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଡ଼ ଉଜ୍ଜ୍ୱଳ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଏଡ ପ୍ରଶିକ୍ଷାର୍ଥୀଙ୍କୁ ପରୀକ୍ଷା ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ଓଡିଶାର ୨୦ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ୦୫ ଜଣ ପ୍ରଶିକ୍ଷାର୍ଥୀ ସମେତ ୫୬ ଜଣ ପ୍ରଶିକ୍ଷାର୍ଥୀ ବାର ଦିନ ଧରି ଶିକ୍ଷକ ଶିକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଥିଲେ। ଶ୍ରୀଜଗନ୍ନାଥଙ୍କ କରକମଳରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିବା ଉଦଯାପନୀ ଅଧିବେଶନରେ ସହକାରୀ ପ୍ରଫେସର ସୁଶ୍ରୀ ଅନୀତା ପଟ୍ଟନାୟକ, ଶ୍ରୀମତୀ ଅନୁପମା ମିଶ୍ର, ୟପ୍ରତ୍ ପାଣ୍ଡେ, ବନ୍ଦନା ମହାରଣା, ଶୁଭଶ୍ରୀ ପଟ୍ଟନାୟକ,ସୁଜାତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ବାର ଦିବସୀୟ କର୍ମଶାଳାରେ ୧୨ ଜଣ ସମ୍ବଳ ଶିକ୍ଷକ ୯୨ଟି ଅଧିବେଶନ ନେଇଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ।

# ଜୈବସାର ପ୍ରସ୍ତୁତି ଓ ବ୍ୟବହାରକୁ ନେଇ

## ତାଲିମ ଶିବିର ସନ୍ତୁଳିତ ଖତସାର ପ୍ରୟୋଗକୁ ଗୁରୁତ୍ୱ

ଉମରକୋଟ,୩୦।୫ (ଆନିସ): ନବରଙ୍ଗ ପୁର ଜିଲ୍ଲା ଉମରକୋଟ ବ୍ଲକ ନାୟକଗୁଡ଼ା ଠାରେ ଆକ୍ସେସ୍ ଡେଭଲପମେଣ୍ଟ ସର୍ଭିସେସ୍ ର ପେଣ୍ଡ୍ରାଣୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ତରଫରୁ ସନ୍ତୁଳିତ ଖତସାର ପ୍ରୟୋଗ, ଜୈବସାରର ବ୍ୟବହାର ଏବଂ ପରିବେଶ ଅନୁକୂଳ କୃଷି ପଦ୍ଧତି ଉପରେ କୃଷକ ଉତ୍ପାଦକ କମ୍ପାନୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପେଣ୍ଡ୍ରାଣୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଅଧୀନରେ କାର୍ଯ୍ୟରତ ଗ୍ରାମର ୭୫ ଜଣ କୃଷକ ତାଲିମ୍ ଶିବିରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ପାଣ୍ଠିରେ "ଧାନ ଆଧାରିତ ଫସଲ ଏବଂ କୃଷି ପ୍ରଣାଳୀରେ ଗୁଣାତ୍ମକ ବାୟୋଇନୋକୁଲାଣ୍ଟର ଉତ୍ପାଦନ,ଲୋକପ୍ରିୟତା ଓ ଯୋଗାଣ" ପ୍ରକଳ୍ପ ଅଧୀନରେ ଏହି ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏବଂ ନୂଆଦିଲ୍ଲୀର "ମେରା ଗାଁ ମେରା ଗୌରବ" କାର୍ଯ୍ୟକ୍ରମର ଅଂଶ ଭାବେ ଆୟୋଜିତ ଏହି ତାଲିମରେ ସାରର ସନ୍ତୁଳିତ ବ୍ୟବହାର ଓ ଜୈବସାରର ଗୁରୁତ୍ୱ ଉପରେ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିଶ୍ୱଜିତ ମଣ୍ଡଳ ସଂଯୋଜନା କରିଥିଲେ। ସେ ଜୈବସାରର ଆର୍ଥିକ ଲାଭ ସହ ପରିବେଶ ସୁରକ୍ଷାରେ ଏହାର ଭୂମିକା ବିଷୟରେ ଚାଷୀମାନଙ୍କୁ ସଚେତନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁଦୀପ୍ତ ପାଉଲ - ର ଗୁରୁତ୍ୱ ବିଷୟରେ କହିଥିଲେ। ଏହା ଫସଲର ନାଇଟ୍ରୋଜେନ ଆବଶ୍ୟକତାର ପ୍ରାୟ ୨୫ ପ୍ରତିଶତ ପର୍ଯ୍ୟନ୍ତ ପୂରଣ କରିପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ସେହିପରି ବୈଜ୍ଞାନିକ ଡକ୍ଟର ରାଘବେନ୍ଦ୍ର ଗୌଡ କ୍ଷତିକାରକ ରାସାୟନିକ ସାର ବଦଳରେ ପରିବେଶ ଅନୁକୂଳ ଜୈବସାର ବ୍ୟବହାର ଓ ବିଜ୍ଞାନ ଆଧାରିତ ପ୍ରାକୃତିକ କୃଷି ପଦ୍ଧତି ଅପଣାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ନବରଙ୍ଗପୁରର ମୁଖ୍ୟ ଡକ୍ଟର ଶଶାଙ୍କ ଲେଙ୍କା ଉମରକୋଟ ଅଞ୍ଚଳର କୃଷି ପଦ୍ଧତି ଓ ଜୈବସାର ବ୍ୟବହାରର ଆବଶ୍ୟକତା ଉପରେ ମତ ରଖିଥିଲେ। ଏଥିସହ ରିସର୍ଚ୍ଚ ଆସୋସିଏଟ୍ ଡକ୍ଟର ସାଇ କୃଷ୍ଣ ରେପାଲି ଧାନ ନଡ଼ା ପଚାଇବା ପାଇଁ ଟ୍ରାଇକୋଡର୍ମା ଏବଂ ଟେକ୍ ଡିକମ୍ପୋଜରର ପ୍ରୟୋଗର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ର ଶ୍ରୀମତୀ ଅଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ପ୍ରକଳ୍ପ କର୍ମଚାରୀ ଓ ଟେକ୍ନିସିଆନ୍ ଅମିତ କୁମାର ମାଇତି ସହଯୋଗ କରିଥିଲେ।

# ସରକାରୀ ଉଦାସୀନତାରେ ବନ୍ଦ ହେଉଛି ବହୁମୁଖୀ ଶିଳ୍ପ ତାଲିମ ପ୍ରତିଷ୍ଠାନ

ନର୍ଲା ,୩୦/୫(ଆନିସ): ବୃତ୍ତି ଭିତ୍ତିକ କୁଟୀର ଶିଳ୍ପର ବିକାଶ ପାଇଁ ତିରିଶ ବର୍ଷ ତଳେ ତତ୍କାଳୀନ ଓଡିଶା ସରକାର ବିଭିନ୍ନ ଜିଲ୍ଲା ସହିତ ବ୍ଲକ ସ୍ତରରେ ମଧ୍ୟ ବହୁମୁଖୀ ଶିଳ୍ପ ତାଲିମ୍ କେନ୍ଦ୍ର ଗୁଡିକ ସ୍ଥାପନ କରି ତାଲିମ୍ ଦେଇ ଆସୁଥିଲେ। ଫଳରେ ଅନେକ ବେକାର ଯୁବକ ଯୁବତୀ ଏହି ତାଲିମ୍ କେନ୍ଦ୍ର ଗୁଡିକରେ ତାଲିମ୍ ଗ୍ରହଣ କରି ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରୁଥିଲେ। କିନ୍ତୁ ଏବେ ସରକାରୀ



ଉଦାସୀନତା ଯୋଗୁଁ ସେହି ସବୁ ତାଲିମ୍ କେନ୍ଦ୍ର ଗୁଡିକ ବର୍ତ୍ତମାନ ବନ୍ଦ ହୋଇ ପଡି ରହିଛି । ସେହିଭଳି ଏକ ବହୁମୁଖୀ ଶିଳ୍ପ ସମବାୟ ସଂସ୍ଥା ବନ୍ଦ ହୋଇ ପଡ଼ିରହିଛି କଳାହାଣ୍ଡି ଜିଲ୍ଲା ନର୍ଲାରୋଡ ଠାରେ। କଳାହାଣ୍ଡି ଜିଲ୍ଲା ଶିଳ୍ପ ସମବାୟ ସମିତି ଦ୍ୱାରା ପରିଚାଳିତ ଏହି ବହୁମୁଖୀ ଶିଳ୍ପ ସମବାୟ ସଂସ୍ଥା ଦ୍ୱାରା ଟେରାକୋଟା କାମ ଠୁ ଆରମ୍ଭ କରି କମାର, କୁମ୍ଭକାର, କାଠ ମିସ୍ତ୍ରୀ, ସୌଖିନ ବେତକାମ,ଏଲ ଆଇ ଟ୍ରେନିଂ, ଟିଭି ମେକାନିକ, ମୋଟର ମେକାନିକ, ଭଳି ଅନେକ ବୃତ୍ତି ଭିତ୍ତିକ କାମ ପାଇଁ ଟ୍ରେନିଂ ଦିଆଯାଉଥିଲା। ଫଳରେ ନର୍ଲା ଅଞ୍ଚଳର ଶହ ଶହ ବେକାର ଯୁବକ ଯୁବତୀ ସ୍ୱାବଲମ୍ବୀ ହୋଇ ପାରୁଥିଲେ। କିନ୍ତୁ ଏହି ସଂସ୍ଥାଟି ବନ୍ଦ ହେବା ଫଳରେ ବେକାରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ସଂସ୍ଥାର ପୁନରୁଦ୍ଧାର ପାଇଁ ସାଧାରଣରେ ଦାବୀ ହେଉଛି।

# ରାମନାଗୁଡା ବିଦେଶୀ ମଦଦୋକାନ ସ୍ଥାନାନ୍ତର କରାଯିବାକୁ ଲୋକଙ୍କ ଦାବି

## ସ୍ଥାନାନ୍ତର ନହେଲେ ତ୍ରୀବ ହେବ ଆନ୍ଦୋଳନ

ରାମନାଗୁଡା, ୩୦।୫ (ଆନିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ତାମ୍ପରଗୁଡା ନିକଟରେ ଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତରିତ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘ ଦିନ ହେବ ଏଠାରେ ବିଦେଶୀ ମଦ ଦୋକାନ ଥିବା ଫଳରେ ଲୋକେ ଅତିଷ୍ଠ ହେବା ସହ ବିଦେଶୀ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଷ ଜମି ଆଦି ଜମି ନିକଟସ୍ଥ ରାସ୍ତା କୃଢ କୃଢ କାଚ ବୋତଲ ଭର୍ତ୍ତି ହୋଇଛି। ଫଳରେ ଅନେକ ଲୋକଙ୍କ ଗୋଡ଼ରେ କାଚ ବୋତଲ ଭାଙ୍ଗି ଖଣ୍ଡିଆ ହେବାର ଅନେକ ନଜିର ରହିଛି। ଫଳରେ ଉକ୍ତ ବାଟ ଦେଇ ଯାଉଥିବା ପଥଚାରୀ ଓ ମନ୍ଦିର ଓ ଆଖପାଖ କୁ ଗ୍ରାମକୁ ଯାଉଥିବା ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏଠାରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଥିବାବେଳେ ଏଠାରେ ଖୋଲାରେ ମଦ ବିକ୍ରି କରାଯିବା ସହ ନିକଟସ୍ଥ ରାସ୍ତା ଆଖପାଖ ସମସ୍ତ ଜମି ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ଗ୍ରାମ ଓ ମନ୍ଦିର ଆଦି ଠାରୁ ୧ଶହ ମିଟର ବ୍ୟବଧାନରେ କୈଣସି ମଦଦୋକାନ ରହିବାକୁ ନେଇ ସ୍ୱଷ୍ଟ ନିର୍ଦ୍ଦେଶନାମା ରହିଥିବାବେଳେ ଏଠାରେ ଖୋଲାଖୋଲି ଉଲଂଘନ ହୋଇଛି। ଏନେଇ ଖୁବଶୀଘ୍ର ଏଠାରେ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରିତ କରାନଗଲେ ବଡଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଓ ଚାଷୀକୂଳ ଦାବି କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଲଟେରୀ ମାଧ୍ୟମରେ ମଦଦୋକାନ ଖୋଲିବା ପାଇଁ ପ୍ରକିୟା ଆରମ୍ଭ ହୋଇଥିବାବେଳେ ଖୁବଶୀଘ୍ର ଏଠାରୁ ମଦଦୋକାନ ସ୍ଥାନାନ୍ତାରିତ କରାଗଲେ ଶହଶହ ଏକର ଚାଷଜମିରୁ କାଚ ବୋତଲ ଭାଙ୍ଗି ଖଣ୍ଡିଆଖାବାରରୁ ମୁକ୍ତି ପାଇବେ ବୋଲି ଲୋକେ କହିଛନ୍ତି।

# ମାଁ ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଙ୍ଗାଲବେଛା ଉଦଯାପିତ

ମାଥିଲି,୩୦/୫ (ଆ ନି ସ ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଆମ୍ବଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଙ୍ଗାଲବେଛା ଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଯାପନ ହୋଇଯାଇଛି । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୦ ରୁ ୧୫ ଦିନ ଧରି ଚାଲି ଥିଲା ୧୬ ଗୋଟି ଦଳ ଭାଗ ନେଇଛନ୍ତି। ଉଦଯାପନ ପାଇନାଲ ମ୍ୟାଚ ରେ ଚାଉଳ ମେନ୍ଦି ଟିମ ଏବଂ ଖଇରପୁଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଚାଉଳ ମେନ୍ଦି ଟିମ ଟସ ଜିତି ବେଟିଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ୧୨ ଅଭର ରେ ଚାଉଳ ମେନ୍ଦି ୧୧୦ ରନ କରିଥିଲା ମାତ୍ର ୨ ଉଇକେଟ ବିନିମୟରେଏବଂ ଖଇରପୁଟ ଟିମ ୧୨ଓଭର ୫ ଉକେଟ ଖେଳି ୮୪ ରନ ସଂଗ୍ରହ କରିଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀ ଜଳନ୍ଧର ନାୟକ(ସରପଞ୍ଚ), ଚାଉଳ ମେନ୍ଦି ତଥା ମର୍ଚ୍ଛା ସମ୍ପାଦକ ଭାରତୀୟ ଜନତା ପାର୍ଟି ତଥା ସମାଜସେବୀ ରାମଚନ୍ଦ୍ର ମାଛା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାଇତ କରିଥିଲେ । ଟୁର୍ଣ୍ଣାମେଣ୍ଟ ଅପରାହ୍ନ ୧୨ ରୁ ଆରମ୍ଭ ହେଉଥିବା ବେଳେ ଦର୍ଶକ ବହୁମାତ୍ରା ରେ ଉପସ୍ଥିତ ରହି ଉଭୟ ଦଳ ଖେଳାଳି ମାନଙ୍କ ଉତ୍ସାହିତ କରୁଥିବା ଦେଖିବାକୁ ମିଳୁଛି। ଟୁର୍ଣ୍ଣାମେଣ୍ଟରେ ଫାଇନାଲ ରେ ବିଜେତା ଦଳ କୁ ୪୦୦୦୦ ଟଙ୍କା ଓ ଟ୍ରଫି ଓ ଉପ ବିଜେତା ଦଳ କୁ ୩୦୦୦୦ଟଙ୍କା ଓ ଟ୍ରଫି ପ୍ରଦନ କରାଯିବ ବୋଲି କମିଟି ତତଫରୁ ସୂଚନା ରହିଛି କ୍ରିକେଟ ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି ଶ୍ରୀ ଦୁର୍ଯଧନପୂଜାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ଫାଇନଲ ମ୍ୟାଚ ରେ ଉପସ୍ଥିତ ଅତିଥି ଙ୍କ ଦ୍ବାରା ସମ୍ମାନୀତ କରାଯାଇଥିଲା।

# ୩ ଭାଇଭଉଣୀ ହେଲେ ପ୍ରଶାସନିକ ଅଧିକାରୀ

## ମା'ଙ୍କ ସଂଘର୍ଷ ଓ ତ୍ୟାଗ ଆଣିଦେଲା ସଫଳତା

ଜୟପୁର , ୩୦।୫ (ଆନିସ): ଭାଇ ଭଉଣୀ ୩ ଜଣ ହେଲେ ପ୍ରଶାସନିକ ଅଧିକାରୀ। ମା'ଙ୍କ ସଂଘର୍ଷ ଓ ତ୍ୟାଗ ଆଣିଦେଲା ସଫଳତା। ସ୍ୱାମୀଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିନଥିଲେ ମା'। ଦିନରାତି ପରିଶ୍ରମ କରି ପୁଅ ଝିଅଙ୍କୁ କରିଛନ୍ତି ବଡ଼ ଅଧିକାରୀ। ଆଉ ଏବେ ଏହି ପରିବାରକୁ ନେଇ ସମଗ୍ର କୋରାପୁଟ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଗୋଟେ ପରିବାରରୁ ଭାଇ-ଭଉଣୀ ୩ ଜଣ ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରି ଏବେ ସମଗ୍ର କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ପୂର୍ବରୁ ବଡ଼ ଭଉଣୀ ଓ ସାନ ଭାଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ବେଳେ, ଏବେ ବଡ଼ ଭାଇ ମଧ୍ୟ କୃତିତ୍ୱ ହାସଲ କରି ପରିବାରର ଗୌରବ



ବଢ଼ାଇଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଏଚ୍. ଉମା ମହେଶ୍ୱରୀଙ୍କ ଜୀବନ ସଂଘର୍ଷ ଆଜି ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି। ପୁଅ-ଝିଅମାନେ ଛୋଟ ଥିବାବେଳେ ତାଙ୍କ ସ୍ୱାମୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିଲା। ସେତେବେଳେ ତାଙ୍କ ସ୍ୱାମୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାମ କରୁଥିଲେ। ସ୍ୱାମୀଙ୍କ ଅକାଳ ବିୟୋଗ ପରେ ପିଲାମାନଙ୍କ ଭବିଷ୍ୟତକୁ ନେଇ ଉମା ମାହେଶ୍ୱରୀ ଗଭୀର ଚିନ୍ତାରେ ପଡ଼ିଥିଲେ। ତଥାପି ସେ ହାର ନମାନି ପୁଅ-ଝିଅମାନଙ୍କୁ ମଣିଷ କରିବା ପାଇଁ ଦିନରାତି ପରିଶ୍ରମ କରିଥିଲେ। ଅଫିସ କାମ ସହିତ ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ସେ ସମୟ ଦେଉଥିଲେ। ସ୍ୱାମୀଙ୍କ ସ୍ୱପ୍ନ ଥିଲା ପିଲାମାନଙ୍କୁ ବଡ଼ ଅଧିକାରୀ କରିବା। ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଉମା ମାହେଶ୍ୱରୀ ନିରନ୍ତର ସଂଘର୍ଷ କରିଥିଲେ। ୨୦୨୧ ମସିହାରେ ତାଙ୍କ ବଡ଼ ଝିଅ ରାମେଶ୍ୱରୀ ହିକକା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିଲେ। ସେହିପରି ୨୦୨୩ ମସିହାରେ ସାନ ପୁଅ ଏଚ୍. ସଂଗ୍ରାମ ମଧ୍ୟ ସଫଳତା ପାଇଥିଲେ। ଏବେ ବଡ଼ ପୁଅ ଏଚ୍. ସ୍ୱାଧୀନ ପ୍ରଶାସନିକ ସେବା ପରୀକ୍ଷାରେ ୧୪୬ ରାଙ୍କ ରଖି ସଫଳତା ହାସଲ କରିଛନ୍ତି।

ସବୁଠାରୁ ବଡ଼ କଥା ହେଲା,୩ ଭାଇ-ଭଉଣୀ କୌଣସି କୋଚିଂ ନେଇନଥିଲେ। ନିଜେ ନିଜେ ଆଲୋଚନା କରିବା ସହ ୟୁଟ୍ୟୁବ ମାଧ୍ୟମରେ ପାଠପଢ଼ି ସେମାନେ ଏହି ସଫଳତା ପାଇଛନ୍ତି। "ଇଚ୍ଛା ଥିଲେ ଉପାୟ ଆପେଆପେ ଆସେ। ପରିଶ୍ରମର ଫଳ କେବେ ବ୍ୟର୍ଥ ଯାଏ ନାହିଁ। ଲକ୍ଷ୍ୟ ଓ ପରିଶ୍ରମ ଏକ ରହିଲେ ମଣିଷ ସଫଳତାର ଶୀର୍ଷରେ ପହଞ୍ଚିପାରିବ,ବୋଲି ଏଚ୍. ସ୍ୱାଧୀନ କହିଛନ୍ତି। ଅନ୍ୟପଟେ ମା'ଙ୍କ ତ୍ୟାଗ, ସଂଘର୍ଷ ଓ ପ୍ରେରଣା ପାଇଁ ଆଜି ଆମେ ଏହି ସ୍ଥାନରେ ପହଞ୍ଚିପାରିଛୁ," ବୋଲି ଭାଇ ଓ ଭଉଣୀ ଭାବବିହ୍ୱଳ ହୋଇ କହିଛନ୍ତି। ଉମା ମାହେଶ୍ୱରୀଙ୍କ ଅଦମ୍ୟ ପରିଶ୍ରମ, ତ୍ୟାଗ ଓ ଭଲପାଇବାର ଫଳସ୍ୱରୂପ ଆଜି ତାଙ୍କର ୩ ଜଣ ପୁଅ-ଝିଅ ପ୍ରଶାସନିକ ଅଧିକାରୀ ହୋଇପାରିଛନ୍ତି। ଏଭଳି ଜଣେ ସଂଘର୍ଷଶୀଳ ମା'ଙ୍କୁ ନେଇ ଏବେ କୋରାପୁଟ ଜିଲ୍ଲାରେ ବ୍ୟାପକ ଚର୍ଚ୍ଚା ଚାଲିଛି।

# ନୟାଗଡ଼ରେ ନୂତନ ଏସ୍‌ପିଙ୍କୁ ସ୍ୱାଗତ



ନୟାଗଡ଼, ୩୦।୫ (ଆନିସ): ନୂତନ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ନୟାଗଡ଼ ଜିଲ୍ଲାରେ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି ଏସ୍‌ପି ଶୁଭେନ୍ଦୁ ପାତ୍ର ଗଞ୍ଜାମ୍ ଏସ୍‌ପି ଭାବେ କାର୍ଯ୍ୟଭାର ସୁଚାରୁ ରୂପେ ତୁଲାଇ ଆସିଥିଲେ । ବର୍ତ୍ତମାନ ନୟାଗଡ଼ର ଆଇନ୍‌ଶୃଙ୍ଖଳା ବ୍ୟବସ୍ଥାକୁ ସୁଧାରି ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବେ ବୋଲି ନୟାଗଡ଼ବାସୀ ଆଶା ରଖିଛନ୍ତି । ନୂତନ ଏସ୍‌ପି ଶୁଭେନ୍ଦୁଙ୍କୁ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟରରେ ସମ୍ବର୍ଦ୍ଧିତ କରି ଗାର୍ଡ ଅଫ୍ ଅନର ଦିଆଯାଇଛି । ଜିଲ୍ଲାର ବିଭିନ୍ନ ପୋଲିସ ଅଫିସର ନୂତନ ଏସ୍‌ପିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନୂତନ ଏସ୍‌ପି ଯୋଗଦାନ ସମୟରେ ପୋଲିସ୍ ମୁଖ୍ୟାଳୟ ନୟାଗଡ଼ ଜିଲ୍ଲାରେ କାମ କରିବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇବା ସହ ଜିଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଯଥାସମ୍ଭବ ସମସ୍ତଙ୍କର ସାହାଯ୍ୟ ସହଯୋଗରେ ସଜାଡି ନେବା ପାଇଁ ଆଶା ବ୍ୟକ୍ତ କରିଛନ୍ତି ଏବଂ ନିଜର କାର୍ଯ୍ୟଦକ୍ଷତାକୁ ସଠିକ୍ ଦିଗ ଦେବାପାଇଁ ପ୍ରକାଶ କରିଛନ୍ତି ଅନ୍ୟପଟେ ଜିଲ୍ଲାରେ ଥିବା ବିଦାୟୀ ଏସ୍‌ପି ଏସ୍. ସୁଶ୍ରୀ ଭିଜିଲାନ୍ସ ଏସ୍‌ପି ଭାବେ ଯୋଗଦାନ କରିଥିବା ଜଣାପଡ଼ିଛି ।

## ପରକିୟା ପ୍ରିତିକୁ ପ୍ରତିବାଦ କରିବାରୁ ଆକ୍ରମଣ

# ପରିବାରର ତିନିଜଣଙ୍କୁ ଆକ୍ରମଣ

### ଦୁଇ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର



**ନୟାଗଡ଼, ୩୦/୫ (ଆନିସ) :** ନୟାଗଡ଼ ଟାଉନ୍‌ଥାନା ନିକଟସ୍ଥ ଦେଉଳପଲି ଗ୍ରାମରେ ଶନିବାର ସକାଳେ ଏକ ଅଭାବନୀୟ ପରିସ୍ଥିତି ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ଦେଉଳପଲ୍ଲି ଗ୍ରାମର ଆଦାମ ଓରଫ ରମେଶ ଭୋଳ ଜଣେ ବିବାହିତା ମହିଳାଙ୍କ ସହ ପରକିୟା ପ୍ରୀତିରେ ଲିପ୍ତ ରହୁଥିଲେ ପରକିୟା ପ୍ରୀତି ସମ୍ପର୍କରେ ଚର୍ଚ୍ଚା ଜୋର୍ ଧରିଥିଲା ସେହି ଗ୍ରାମର ପିତବାସ ମାର୍ଥାଙ୍କ ପରିବାର ଏହାକୁ ବିରୋଧ କରିବାରୁ ଗତକାଲି ସେମାନଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲା । ଯଦ୍ଦ୍ୱାରା ସେମାନେ ଥାନାରେ ଅଭିଯୋଗ କରିଥିଲେ କିନ୍ତୁ ଟାଉନ୍‌ଥାନା ପୋଲିସ ଏହାକୁ ଗୁରୁତ୍ୱ ଦେଇନଥିଲା ତେଣୁ ଶନିବାର ସକାଳୁ ପିତାବାସ ମାର୍ଥାଙ୍କ ପରିବାର ଶୋଇଥିବା ବେଳେ ଅତର୍କିତ ଭାବେ ଘରେ ପଶି ମାରଣାସ୍ତ୍ର ଯୋଗେ ପିତବାସ ମାର୍ଥା, ତାଙ୍କ ସ୍ତ୍ରୀ ମମତା ମାର୍ଥା ଓ ମା ତିଳୋତମା ମାର୍ଫାଙ୍କୁ ଆକ୍ରମଣ କରିଥିଲା । ଆକ୍ରମଣ ଦ୍ୱାରା ମମତା ମାର୍ଥାଙ୍କ ଗୋଡଟି ସମ୍ପୂର୍ଣ୍ଣ ଭାବେ ଛିଣ୍ଡି ଯାଇଥିବାର ଦେଖାଦେଇଛି । ଘଟଣା ପରେ ମାର୍ଥାଙ୍କ ପରିବାର ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମମତା ମାର୍ଥାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ଏ ନେଇ ନୟାଗଡ଼ ଟାଉନ୍ ଥାନା କେସ୍ ନଂ ୧୭୦/୨୬ ରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ନୟାଗଡ଼ ଟାଉନ୍ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରକାଶ କରିଛନ୍ତି ।

# ଓସିଏସ ପାଇଥିବା ଶ୍ୱେତା ସୁଚରିତାଙ୍କ ସମ୍ବର୍ଦ୍ଧିତ



ରଣପୁର,୩୦।୫ (ଆନିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୫୯ ନମ୍ବର ରାଙ୍କରେ ସଫଳତା ହାସଲ କରିଛନ୍ତି ରଣପୁର ବ୍ଲକ ସୂର୍କାବାଡି ଗ୍ରାମର ପ୍ରମୋଦ ସେଠି ଓ ଜାନକୀ ସେଠୀଙ୍କ ସୁକନ୍ୟା ଶ୍ୱେତା ସୁଚରିତା । ଶ୍ୱେତା ନିଜର ପ୍ରଚେଷ୍ଟାରେ ସଫଳତା ହାସଲ କରି ପରିବାର ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଏନେଇ ନୟାଗଡଜିଲ୍ଲା ଜିଲ୍ଲା ପରିଷଦ ଅଧକ୍ଷ ଇଁ ଦେବାଶିଷ ପଟ୍ଟନାୟକ, ସୁର୍କାବାଡ଼ି ପଞ୍ଚାୟତ ସମିତି ସଭ୍ୟା ଅନୁରାଧା ମିଶ୍ର, ବରିଷ୍ଟ ନେତା ଶଙ୍କର ସାହୁ, କୃଷ୍ଣ ଚନ୍ଦ୍ର ମିଶ୍ର ଏବଂ ଭାସ୍କର ସେଠି , ଓ ସି ଏସ ପାଇ ଥିବା ଶ୍ୱେତା ସୁଚରିତା ଓ କଟକ ହାଇ କୋର୍ଟରେ ସେକ୍ସନ ଅଫିସର ଭାବେ ପାଇଥିବା ତାଙ୍କ ସାନ ଭଉଣୀ ଶ୍ୱାତି ସ୍ୱାଗତିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ପ୍ରଶାସନିକ କ୍ଷେତ୍ରରେ ଉନ୍ନତି କରିବା ସହିତ ଅଞ୍ଚଳର ଟେକ ରଖିବା ପାଇଁ ଆଶୀର୍ବାଦ ଦେଇ ଥିଲେ

# ଧାନ ସଂଗ୍ରହରେ ଯାଜପୁରର ସଫଳତାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରଶଂସା

ଯାଜପୁର, ୩୦/୦୫(ଆନିସ) : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଯାଜପୁର ଗସ୍ତରେ ଆସି ଯାଜପୁର ଜିଲ୍ଲାରେ ଖରିଫ ଓ ରବି ଧାନ ସଂଗ୍ରହ ବାବଦରେ ସମୀକ୍ଷା କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ପିଡିଏସ ହିତାଧିକାରୀଙ୍କ ଇ-କେୟାଇସି ସମ୍ବନ୍ଧୀୟ ପରିସଂଖ୍ୟାନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ଭଲ ପ୍ରଦର୍ଶନ କରିଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶଂସା କରିଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ ରେ ଖରିଫ ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ୯୮.୧୬ ପ୍ରତିଶତ ଟାର୍ଗେଟ ହାସଲ କରିଛି ଏବଂ ୯୧.୧୭ ପ୍ରତିଶତ ଚାଷୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ସଫଳତା ପାଇଁ ସରକାର ରାଜ୍ୟ ସ୍ତରରେ ଯାଜପୁର ଜିଲ୍ଲାକୁ ପୁରସ୍କୃତ କରିଛନ୍ତି। ୨୫-୨୬ ଆର୍ଥିକ ବର୍ଷରେ ୫୯୯୬୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମୋଟ ୧୯୪୪୬୩୮ କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯାଇଛି। ସେହିଭଳି ଚଳିତ ରବି ଋତୁରେ ୩୦ ଟି ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ କରିଥିବା ବେଳେ ୯ ଟି ମିଲର ଅଂଶଗ୍ରହଣ କରିଛନ୍ତି ଏବଂ ୪୬୦୭ କୃଷକ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲା ପାଇଁ ୧୧୫୫୦୦ କ୍ୱିଣ୍ଟାଲ ରବି ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ନୋଡାଲ ଅଫିସର ସେଠାରେ ଉପସ୍ଥିତ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଗରିବ ଲୋକ ଯେମିତି ତୁରନ୍ତ ରାସନ୍ କାର୍ଡ ପାଇବେ, ସେ ଦିଗରେ ଦୃଷ୍ଟି ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୋଗାଣ ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କଡ଼ାକଡ଼ି କହିଛନ୍ତି। ଯେଭଳି ଟଙ୍କାଟିଏ ମଧ୍ୟ ଦୁର୍ନୀତି ନ ହେବ, ସେ ଦିଗରେ ସଚେତନ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ କେଉଁ ସ୍ଥାନରେ ଧାନ ରଖିବା ପାଇଁ ଗୋଦାମ ଆବଶ୍ୟକ ରହିଛି, ସେ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ କହିଥିଲେ। ଏହାସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ ହେବ ଏବଂ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ ବୋଲି ଯୋଗାଣ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହାଦ୍ୱାରା ଲୋକଙ୍କ ଖାଦ୍ୟ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି। ଜିଲ୍ଲାରେ ପ୍ରତି ୧୦୦ ରେ ୮୩ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ମୋଟ ୧୫,୨୦,୨୦୨ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଅଛନ୍ତି। ବର୍ତ୍ତମାନ ୯୭ ପ୍ରତିଶତ ପିଡିଏସ ହିତାଧିକାରୀଙ୍କ ଇ-କେୟାଇସି ଶେଷ ହୋଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ବିଡ଼ିଓ, ମାର୍କେଟ ଇନ୍ସପେକ୍ଟର, ଆରଏମସି ସମ୍ପାଦକ, ସମବାୟ, କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇପଡାଠାରେ ଭାଜପାର ମିଶ୍ରଣ ପର୍ବ

# ଭାଜପା ଆଡ଼କୁ ଢଳୁଛନ୍ତି ବିଭିନ୍ନ ଦଳର ନେତା ଓ କର୍ମୀ



ନୟାଗଡ, ୩୦।୫ (ଆନିସ): ନୟାଗଡ ଜିଲ୍ଲା ରଣପୁର ବ୍ଲକ ରାଇପଡା ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଅଛି, ଏହି ମିଶ୍ରଣ ପର୍ବରେ ରାଇପଡା ଗ୍ରାମ ପଞ୍ଚାୟତର କଂଗ୍ରେସ, କମ୍ୟୁନିଷ୍ଟ, ବିଜେଡି ର ବହୁ ବରିଷ୍ଠ ନେତା ଓ କର୍ମୀ ମାନେ ନିଜ ଦଳ ଛାଡ଼ି ବିଜେପିରେ ଯୋଗଦାନ କରିଛନ୍ତି । ସେମାନଙ୍କ ମଧ୍ୟରେ ରାଇପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ଦେଇ, ନାଏବ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ,୮ ନଂ ୱାର୍ଡ ମେମ୍ବର ହଜାରି ଜେନା,୯ ନଂ ୱାର୍ଡ ମେମ୍ବର ସୁକାନ୍ତ ଜେନା,୧୧ ନଂ ୱାର୍ଡ ମେମ୍ବର ଚୈତନ୍ୟ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଦାସ, ରାଇପଡା ଗ୍ରାମ ର ସୁଧାକର ପାଇକରାୟ, ପୂର୍ଣ୍ଣଚନ୍ଦ୍ର ମାଝୀ,ଅକ୍ରୁର ମାଝୀ, ପ୍ରଦୀପ ପ୍ରଧାନ, ଧନୁ ବେହେରା, ଭଗବାନ ସାହୁ, କପିଳ ସାମନ୍ତରାୟ, ସୋମନାଥ ପ୍ରଧାନ, ରମାକାନ୍ତ ଜେନା, ଗୁଣନିଧି ପ୍ରଧାନ, ଲିଙ୍ଗରାଜ ବେହେରା, ସୁନୀଲ ସାହୁ, ଗୋପାଳି ସାମନ୍ତରାୟ, ବ୍ରଜବନ୍ଧୁ ଭଞ୍ଜ, କୃଷ୍ଣଚନ୍ଦ୍ର ଭଞ୍ଜ, ନବକିଶୋର ଭଞ୍ଜ, ଅଶୋକ କୁମାର ଭଞ୍ଜ, ନିରଞ୍ଜନ ଭଞ୍ଜ, ରତ୍ନାକର ଭଞ୍ଜ, ରାଣିଗାଡିଆ ଗ୍ରାମ ର ଅର୍ଜୁନ ଭୂକ୍ତୁବଳ, ଗଦାଧର ଜେନା, ଲିଙ୍ଗରାଜ ମହାରଣା,ବରପଲ୍ଲି ଗ୍ରାମର କୈଳାସ ଚନ୍ଦ୍ର ସାହୁ, ସର୍ବେଶ୍ୱର ଦାସ, ରଙ୍କନାଥ ଦାସ, ବଳଭଦ୍ର ସାହୁ, ରବିନ୍ଦ୍ର କୁମାର ମାଝୀ, ରଞ୍ଜନ ନାୟକ, ସୁଦର ନାୟକ, ରମେଶ ମାଝୀ, ଗୋପାଳ ଦାସ, ବଳରାମପୁର ର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁବାଷ ଚନ୍ଦ୍ର ସାହୁ, କୁମର ପରିଡା, ପ୍ରଫୁଲ୍ଲ ସିଂହ ଓ ଅର୍ଜୁନପୁର ଗ୍ରାମ ର ସଦା ନାୟକ, ଲକ୍ଷ୍ମୀଧର ନାୟକ, କୈଳାସ ବେହେରା, ଜମ୍ବେଶ୍ୱର ବେହେରା, ଭରତ ପ୍ରଧାନ, କିଆପଲ୍ଲୀ ର ଲୋଚନ ଦିହୁଡି, ଗଣେଶ ନାୟକ, ସନ୍ତୋଷ ନାୟକ, ବିନୟ ଦିହୁଡ଼ି ଙ୍କ ସହିତ ଶତାଧିକ କଂଗ୍ରେସ, କମ୍ୟୁନିଷ୍ଟ ଓ ବିଜେଡ଼ି ନେତା ଓ କର୍ମୀ ତାଙ୍କ ଦଳ ଛାଡ଼ି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଲୋକପ୍ରିୟ ନେତ୍ରୀ ଆମର ବିଧାୟିକା ସୁରମା ପାଢ଼ୀ ଏବଂ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି ।ଏହି ମିଶ୍ରଣ ପର୍ବରେ ବରିଷ୍ଠ ବିଜେପି ନେତା ବିପିନ ପାଢ଼ୀ, ସୁବର୍ଣ୍ଣ ସିଂ,ଅଭିଷେକ ସାମନ୍ତରାୟ,ଗଣେଶ୍ୱର ମାନ୍ଧାତା,ବେଣୁଧର ରଣା, ସନ୍ତୋଷ ଦାସ, ଚିତ୍ତରଞ୍ଜନ ଦାସ ,ରାଇପଡା ପଞ୍ଚାୟତ ସଭାପତି ସତ୍ୟବାନ ପରିଡା,ଙ୍କ ଉପସ୍ଥିତ ରେ ଚାନ୍ଦପୁର ଗ୍ରାମପଞ୍ଚାୟତ ର ଶତାଧିକ ବିଜେଡି କର୍ମୀ ବିଜେପି ରେ ଯୋଗଦାନ କରିଛନ୍ତି ।ଏମାନେ ସମସ୍ତେ ବିଜେପି ରେ ଯୋଗଦାନ ପରେ ରାଇପଡା ଗ୍ରା:ପ: ର ବିଜେପି ସଂଗଠନ ମଜବୁତ ହେବ ବୋଲି ବିପିନ ପାଢ଼ୀ, ସନ୍ତୋଷ ଦାସ, ଚିତ୍ତରଞ୍ଜନ ଦାସ,ସତ୍ୟବାନ ପରିଡା ମତବ୍ୟକ୍ତ କରିଛନ୍ତି ।

ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ଦଳ ତାର ନିର୍ବାଚନ ପାଇଁ ରଣନୀତି ଓ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ କରିଦେଇଛି ।ଏହିଭଳି ଭାବେ ଅନ୍ୟ ପଞ୍ଚାୟତରେ ମଧ୍ୟ ଆଗକୁ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ କରାଯିବ ବୋଲି ବରିଷ୍ଠ ନେତା ବିପିନ ପାଢ଼ୀ କହିଛନ୍ତି ।




Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda